# ଷଷ୍ଠ ଅଧ୍ୟାୟ

# ପଦ ପ୍ରକରଣ - କ୍ରିୟା

## ୬.୧ : ସିଦ୍ଧକ୍ରିୟା, ସାଧ୍ୟକ୍ରିୟା ଓ କ୍ରିୟାପଦ :

କ-ସ୍ତମ୍ଭ ଓ ଖ-ସ୍ତମ୍ଭର ବାକ୍ୟଗୁଡ଼ିକୁ ପଢ଼ । ଏଥିରେ ଥିବା କଳାମୋଟା ଅକ୍ଷରର ଓ ରେଖାଙ୍କିତ ଅକ୍ଷରର ପଦଗୁଡ଼ିକୁ ଲକ୍ଷ୍ୟ କର ।

| କ-ସ୍ତମ୍ଭ | ଖ-ସ୍ତମ୍ଭ |
| --- | --- |
| ସେ ଗାତ **ଖୋଳୁଛି** | ତା' ଦ୍ୱାରା ଗାତ ଖୋଳା **ହେଉଛି** । |
| ସେ ପିଣ୍ଡ **ଦେଉଛି** | ସେ ପିଣ୍ଡ ଦାନ **କରୁଛି** । |
| ସେ ପିଠା **ଖାଉଛି** | ତା'ର ପିଠା ଖିଆ **ଚାଲିଛି** । |

**୬.୧.୧ :** ଏଠାରେ କ-ଖ-ପ୍ରତ୍ୟେକ ସ୍ତମ୍ଭରେ ତିନୋଟି କରି ବାକ୍ୟ ରହିଛି । କ-ସ୍ତମ୍ଭର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବାକ୍ୟର ଅର୍ଥ ସହିତ ଯଥାକ୍ରମେ ଖ-ସ୍ତମ୍ଭର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବାକ୍ୟର ଅର୍ଥ ସମାନ । ମାତ୍ର ଉଭୟ ସ୍ତମ୍ଭର ବାକ୍ୟ ଗଢ଼ଣ ଓ ବାକ୍ୟରେ ପଦ ବସାଣ କୌଶଳ ଅଲଗା ଅଲଗା । ଏବେ ଉଭୟ ସ୍ତମ୍ଭରେ ଥିବା କଳା ମୋଟା ଅକ୍ଷରର ପଦଗୁଡ଼ିକୁ ଦେଖ । ଖୋଳୁଛି, ଦେଉଛି, ଖାଉଛି, ହେଉଛି, କରୁଛି ଓ ଚାଲିଛି- ଏହି ଛଅଗୋଟି ପଦ ଦ୍ୱାରା ଛଅଗୋଟିଯାକ ବାକ୍ୟରେ ଖେଳିବା, ଦେବା, ଖାଇବା, ହେବା, କରିବା ଓ ଚାଲୁରଖିବା ଇତ୍ୟାଦି ଛଅ ପ୍ରକାରର କାର୍ଯ୍ୟ ସାଧନ ହେଉଥିବାର ଅର୍ଥ ବୁଝାପଡୁଛି । ଅନୁରୂପ ଭାବରେ ଆମେ ଭାବ ପ୍ରକାଶ ପାଇଁ ସଦାବେଳେ ପଢ଼ିବା, ଶୁଣିବା, ଗଢ଼ିବା, ଯିବା, ହସିବା, ଦେଖିବା, ଲେଖିବା, ମାପିବା, ଜାଣିବା, ଡ଼ୋକିବା, ରହିବା, ଗାଇବା ଆଦି କାମର ଅର୍ଥ ବୁଝିବା ଓ ବୁଝାଇବା ପାଇଁ ଆମେ ପଢ଼ୁ, ପଢୁଛୁ, ଶୁଣିଲେ, ଗଢ଼ିଲୁ, ଗଲୁ, ଯାଉଛୁ, ହସିଲେ, ଦେଖିଲେ, ଲେଖିଛେ, ମାପିବୁ, ଜାଣିବେ, ରହିଲେ, ଗାଇଛି- ଏପରି ଅନେକ ପଦ ବାକ୍ୟରେ ବ୍ୟବହାର କରିଥାଉ । ଏ ପ୍ରକାର ପଦଦ୍ୱାରା ବାକ୍ୟରେ କର୍ତ୍ତାପଦ କୌଣସି ନା କୌଣସି କାର୍ଯ୍ୟ ସାଧନ କରୁଥିବାର ଅର୍ଥ ସୂଚିତ ହୁଏ । ସାଧାରଣତଃ ଆମେ ଜାଣୁ ଯେ ବାକ୍ୟରେ ଯିଏ କିଛିନା କିଛି କାମ କରୁଥାଏ ବା ଯେ କାର୍ଯ୍ୟ ସାଧନ କରେ- ସେ **କର୍ତ୍ତା** । କର୍ତ୍ତା ଯାହା କରୁଛି ତାହା ତା'ର ସାଧିତ-**କ୍ରିୟା** । କର୍ତ୍ତା ବାକ୍ୟର ମୂଳ ଓ କର୍ତ୍ତାକୁ ମାଧ୍ୟମକରି ବାକ୍ୟ ଆରମ୍ଭହୁଏ । କ୍ରିୟା ମାଧ୍ୟମରେ ବାକ୍ୟର ସମାପ୍ତି ଘଟେ । **କର୍ତ୍ତା କ'ଣ କରୁଛି- ଏହା ଯେଉଁପଦ ଦ୍ୱାରା ବୁଝାପଡ଼େ ତାହା '*କ୍ରିୟା*' ।**

**୬.୧.୨ :** ଏବେ ପୁଣିଥରେ କ'ସ୍ତମ୍ଭକୁ ଲକ୍ଷ୍ୟ କର । ପ୍ରତ୍ୟେକ ବାକ୍ୟ ପାଇଁ ପ୍ରଶ୍ନ କର- କିଏ କରୁଛି ? ଉତ୍ତର ମିଳିବ 'ସେ' କରୁଛି । ସୁତରାଂ ତିନୋଟି ଯାକ ବାକ୍ୟର କର୍ତ୍ତା ହେଉଛି-ସେ । ପୁଣି ପ୍ରଶ୍ନକର- କର୍ତ୍ତାପଦ 'ସେ' କ'ଣ କରୁଛି ? ଉତ୍ତର ଆସିବ- ଖୋଳୁଛି, ଦେଉଛି, ଖାଉଛି ସୁତରାଂ କର୍ତ୍ତା ଯାହା କରୁଛି ବା ଯେଉଁ କାର୍ଯ୍ୟ ସାଧନ କରୁଛି

ତାହା 'କ୍ରିୟା' । ତେଣୁ ଖୋଲୁଛି / ଦେଉଛି / ଖାଉଛି- ଏକଏକ **'କ୍ରିୟାପଦ'** ସେହିପରି ଖ-ସ୍ତମ୍ଭର ହେଉଛି / କରୁଛି / ଚାଲିଛି- ଗୋଟିଏ ଗୋଟିଏ କ୍ରିୟାପଦ ।

| |
|---|
| **ଯେଉଁ ପଦ ମାଧ୍ୟମରେ କୌଣସି କାମର ନିର୍ଦ୍ଦିଷ୍ଟ ଅର୍ଥ ବୁଝାପଡ଼େ ତାହାକୁ '*କ୍ରିୟାପଦ*' କୁହାଯାଏ ।** |

***୬.୧.୩ :*** ବାକ୍ୟରେ ଭାବାର୍ଥ ସାଧନ କରୁଥିବାରୁ ଖୋଲୁଛି, ଦେଉଛି, ଖାଉଛି, ଚାଲିଛି- ଏପରି ପଦଗୁଡ଼ିକୁ ବ୍ୟାକରଣ ମତରେ **'ସାଧ୍ୟ କ୍ରିୟା'** କୁହାଯାଏ । ପ୍ରତ୍ୟେକ ସାର୍ଥକ ଓ ପୂର୍ଣ୍ଣବାକ୍ୟରେ ଗୋଟିଏ ଗୋଟିଏ ସାଧ୍ୟ 'କ୍ରିୟାପଦ' ନିଶ୍ଚୟ ଥାଏ । ବାକ୍ୟଟି ଛୋଟ ହେଉ କି ବଡ଼ ହେଉ, ସରଳ ହେଉ କି ଜଟିଳ ହେଉ କ୍ରିୟାପଦଟିଏ ନରହିଲେ ତାହା ଅସଂପୂର୍ଣ୍ଣ ହୋଇଥାଏ । ଯଥା- ସେ ପିଣ୍ଡ ଦେଉଛି / ସେ ପିଣ୍ଡଦାନ କରୁଛି- ଏହି ବାକ୍ୟ ଦୁଇଟିରେ 'ଦେଉଛି' ଓ 'କରୁଛି' ଦୁଇଟି ସାଧ୍ୟ କ୍ରିୟାପଦ । ଏ ପଦ ଦୁଇଟିକୁ ବ୍ୟବହାର ନକରି ବା କାଟିଦେଇ ଯଦି ଆମେ କେବଳ- ସେ ପିଣ୍ଡ / ସେ ପିଣ୍ଡ ଦାନ- ଏପରି ଲେଖିବା ବା କହିବା ତେବେ ବାକ୍ୟ ଦୁଇଟି ଅପୂର୍ଣ୍ଣ ଓ ନିରର୍ଥକ ବୋଧ ହେବ । ଏଥିରୁ ସ୍ପଷ୍ଟ ଭାବରେ ଆମେ ଜାଣିପାରିଲେ ଯେ କ୍ରିୟାପଦ ବିନା ବାକ୍ୟର ଭାବାର୍ଥ ସଂପୂର୍ଣ୍ଣଭାବେ ବୁଝାପଡ଼େ ନାହିଁ । ଯେଉଁପଦ ଦ୍ୱାରା ବାକ୍ୟରେ କର୍ତ୍ତା ମାଧ୍ୟମରେ କୌଣସି କାର୍ଯ୍ୟ ହେବା, ହେଲା, ହେଉଛି, ହେଉଥିବା, ହୋଇଥିବା, ହେବାକୁଥିବା ଅଥବା ନହେଲା ଓ ନହେବା ଆଦି ସୂଚିତ ହୁଏ ତାହାକୁ **'କ୍ରିୟା'** କୁହାଯାଏ ।

***୬.୨ :*** ଏବେ କ'ସ୍ତମ୍ଭର କଳା ମୋଟା ଅକ୍ଷରର ଓ ଖ'ସ୍ତମ୍ଭର ରେଖାଙ୍କିତ ପଦଗୁଡ଼ିକୁ ବିଚାର କରିବା । କ-ସ୍ତମ୍ଭରେ ବ୍ୟବହୃତ ଖୋଲୁଛି / ଦେଉଛି / ଖାଉଛି- ଏକଏକ କ୍ରିୟାପଦ । କ୍ରିୟାମୂଳକ ଏପ୍ରକାର ପଦଗୁଡ଼ିକର ଏକଏକ ଭିନ୍ନରୂପ ଖ-ସ୍ତମ୍ଭରେ ରେଖାଙ୍କିତ ପଦରୂପରେ (ଖୋଲା, ଦାନ, ଖିଆ) ବ୍ୟବହୃତ ହୋଇଛି । ଉଭୟ ପ୍ରକାର କ୍ରିୟାସୂଚକ ପଦର ମୂଳ ରୂପ ସମାନ । ଯଥା- 'ଖୋଲୁଛି' ଓ 'ଖୋଲାଇ' ମୂଳରୂପ- 'ଖୋଲ୍' 'ଦେଇଛି' ଓ'ଦାନ'ର ମୂଳରୂପ- 'ଦେ'ଏବଂ 'ଖାଉଛି' ଓ 'ଖିଆ'ର ମୂଳରୂପ ହେଉଛି- 'ଖା' । ଏ ପ୍ରକାର କ୍ରିୟାସୂଚକ ପଦର ମୂଳରୂପକୁ **'ଧାତୁ'** କୁହାଯାଏ । ଅର୍ଥାତ୍ ଆମେ ବ୍ୟବହାର କରୁଥିବା ପ୍ରତ୍ୟେକ କ୍ରିୟା ଓ କ୍ରିୟାର ପ୍ରତିଟି ପ୍ରକାର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଧାତୁରୁ ଉତ୍ପନ୍ନ । ଯେମିତି 'ଖା' ଧାତୁରୁ 'ଖିଆ, ଖାଉଛି' ଓ 'ଦେ' ଧାତୁରୁ 'ଦିଆ, ଦେଉଛି, ଦାନ' ଇତ୍ୟାଦି । ବିଭିନ୍ନ ଅର୍ଥରେ ବିଶେଷତ୍ୱ ସୂଚକ ପ୍ରତ୍ୟୟ ଧାତୁର ପରେ ଯୋଗ ହେଲେ ତହିଁରୁ ଯେଉଁ ପଦ ଗଠିତ ହୁଏ ତାହାକୁ **'ସିଦ୍ଧ କ୍ରିୟା'** କୁହାଯାଏ । ଧାତୁ + ପ୍ରତ୍ୟୟ ଦ୍ୱାରା ସିଦ୍ଧ ବା ନିଷ୍ପନ୍ନ ପଦଗୁଡ଼ିକ ପ୍ରାୟତଃ ଏକଏକ କ୍ରିୟାର ନାମ ଭାବରେ ଆମେ ବ୍ୟବହାର କରିଥାଉ । ଏପ୍ରକାର ପଦଗୁଡ଼ିକ ମଧ୍ୟରୁ କେତୋଟି ଏହିପରି- ଖା + ଇଆ = ଖିଆ / ଦେ (ଦା) + ଅନ୍ = ଦାନ / ଖୋଲ୍ + ଆ = ଖୋଲା / ଦେଖ୍ + ଇବା = ଦେଖିବା / ହସ୍ + ଅ = ହସ / ଗମ୍ + ଅନ୍ = ଗମନ / ଏଗୁଡ଼ିକ କ୍ରିୟାର ମୂଳରୂପ ଧାତୁରୁ ଉତ୍ପନ୍ନ ହୋଇଥିଲେ ବି କୌଣସି, କାଳ, ପୁରୁଷ ଓ ବଚନ ପ୍ରଭୃତିର ଧାରଣା ଦେଉନାହିଁ । ଏଗୁଡ଼ିକୁ ଆମେ **କ୍ରିୟାବାଚକ ବିଶେଷ୍ୟ** ଭାବରେ ବ୍ୟବହାର କରିଥାଉ । ବାକ୍ୟର ଭାବାର୍ଥ ସାଧନ ପାଇଁ ଏପ୍ରକାର କ୍ରିୟାସୂଚକ ପଦକୁ ସାଧନ-କ୍ରିୟା ବା ସାଧ୍ୟ କ୍ରିୟାପଦ ଭାବରେ ବ୍ୟବହାର କରାଯାଏ ନାହିଁ । ସୁତରାଂ-

| |
|---|
| **ଧାତୁର ନାମ ବା ସଂଜ୍ଞାସୂଚକ ପଦ ହେଉଛି ସିଦ୍ଧ କ୍ରିୟା ବା 'କ୍ରିୟାବାଚକ ବିଶେଷ୍ୟ' ଏବଂ ଧାତୁରୁ ନିଷ୍ପନ୍ନ କାର୍ଯ୍ୟ ସାଧନର ଅର୍ଥସୂଚକ ପଦ ହେଉଛି- '*କ୍ରିୟା*' ବା *ସାଧ୍ୟକ୍ରିୟା* ।** |

**୬.୩ :** ଧାତୁ ବା କ୍ରିୟାର ମୂଳ ପ୍ରକୃତି ସହିତ ଅତିକମ୍‌ରେ ଦୁଇଟି ସୂଚକ ଚିହ୍ନ ବା ବିଭକ୍ତିକୁ ଯୋଗ କରାଯାଇ ବାକ୍ୟଯୋଗ୍ୟ ସାଧ୍ୟ କ୍ରିୟାପଦ ଗଠିତ ହୋଇଥାଏ । ଯେକୌଣସି କ୍ରିୟାପଦର ଏ ଦୁଇଟି ବିଭକ୍ତି ହେଉଛି- **କାଳସୂଚକ** ବିଭକ୍ତି ଓ **ପୁରୁଷ-ବଚନ ସୂଚକ** ବିଭକ୍ତି । ପ୍ରଥମେ ମୂଳଧାତୁ, ତା'ପରେ କାଳସୂଚକ ବିଭକ୍ତି ଚିହ୍ନ ଓ ଶେଷରେ ପୁରୁଷ-ବଚନ ସୂଚକ ବିଭକ୍ତି ଯୋଗ ହୋଇ ଆମ ଭାଷାରେ କ୍ରିୟାପଦଗୁଡ଼ିକ ଗଠିତ ହୋଇଥାଏ । ଏବେ ଆମେ ପାଞ୍ଚଗୋଟି କ୍ରିୟାପଦକୁ ଦୃଷ୍ଟାନ୍ତ ରୂପେ ନେଇ ସେଗୁଡ଼ିକର ଗଠନ ପଦ୍ଧତିକୁ ନିମ୍ନମତେ ବିଚାର କରିବା ।

| **ମୂଳଧାତୁ** | + | **କାଳସୂଚକ ବିଭକ୍ତି** | + | **ପୁରୁଷ-ବଚନ ସୂଚକ ବିଭକ୍ତି** | = **କ୍ରିୟାପଦ ସାଧ୍ୟ କ୍ରିୟାପଦ** |
|---|---|---|---|---|---|
| ଖା | + | ଇଲ୍ | + | ଆ | = ଖାଇଲା (ଏହା ଏକ ଅତୀତକାଳସୂଚକ କ୍ରିୟାପଦ) |
| ଦେ | + | ବ୍ | + | ଅ | = ଦେବ (ଏହା ଏକ ଭବିଷ୍ୟତ କାଳସୂଚକ କ୍ରିୟାପଦ) |
| ଆସ୍ | + | ଇବ୍ | + | ଇ | = ଆସିବି (ଏହା ଏକ ଭବିଷ୍ୟତ କାଳସୂଚକ କ୍ରିୟାପଦ) |
| ଦେଖ୍ | + | ଅନ୍ତ୍ | + | ଏ | = ଦେଖନ୍ତେ (ଏହା ଏକ ସଂଭାବନାସୂଚକ କ୍ରିୟାପଦ) |
| ଖେଳ୍ | + | ଅନ୍ତ୍ | + | ଇ | = ଖେଳନ୍ତି (ଏହା ଏକ ବର୍ତ୍ତମାନସୂଚକ କ୍ରିୟାପଦ) |

୧ । ଓଡ଼ିଆରେ ଇଲ୍, ଲ୍- ଅତୀତ କାଳ ସୂଚକ ବିଭକ୍ତି ।

୨ । ଇବ୍, ବ୍- ଭବିଷ୍ୟତ କାଳସୂଚକ ବିଭକ୍ତି ଚିହ୍ନ ।

୩ । ଅନ୍ତ୍, ଆନ୍ତ୍ - ସଂଭାବନା ଓ ବର୍ତ୍ତମାନ କାଳସୂଚକ ବିଭକ୍ତି ଚିହ୍ନ ।

୪ । ଖାଏ, ଆସେ, ପିଏ, ଶୁଏ, ଯାଉ, ଯାଏ ଇତ୍ୟାଦି ବର୍ତ୍ତମାନ କାଳସୂଚକ କ୍ରିୟାପଦରେ କାଳସୂଚକ ବିଭକ୍ତି ଉହ୍ୟଥାଏ ବା ଶୂନ୍ୟଥାଏ । ଏଥିରେ କେବଳ ମୂଳଧାତୁ ସହିତ ପୁରୁଷ-ବଚନ ବିଭକ୍ତି ଯୋଗ ହୋଇଥାଏ (ଖା + $\phi$ + ଏ / ଆସ୍ + $\phi$ + ଏ = ଆସେ) ।

୫ । ଓଡ଼ିଆରେ ଅ, ଆ, ଇ, ଏ, ଏଁ, ଉ, ଉଁ, ଅନ୍ତି, ଅନ୍ତ, ଅନ୍ତ ଭଳି ଦଶଗୋଟି ପୁରୁଷ-ବଚନ ସୂଚକ ବିଭକ୍ତି ଯୋଗ କରି କ୍ରିୟା ପଦ ଗଠନ କରୁ ।

**କ୍ରିୟାର ମୂଳପ୍ରକୃତିକୁ ଧାତୁ କହନ୍ତି । ଧାତୁ ସହିତ କାଳସୂଚକ ବିଭକ୍ତି ଓ ପୁରୁଷ-ବଚନ ସୂଚକ ବିଭକ୍ତି ଯୋଗ ହୋଇ କ୍ରିୟାପଦ ଗଠିତ ହୁଏ ।**

**୬.୪ :** ଆମେ ବାକ୍ୟଟିଏ କହିଲା ବେଳେ ବା ଲେଖିଲା ବେଳେ ମୁଖ୍ୟତଃ ତିନୋଟି ପୁରୁଷ ବ୍ୟବହାର କରିଥାଉ– ପ୍ରଥମପୁରୁଷ, ଦ୍ୱିତୀୟ ପୁରୁଷ ଓ ତୃତୀୟ ପୁରୁଷ । ପ୍ରତିଟି ପୁରୁଷ ଏକବଚନ- ବହୁବଚନ ଭେଦରେ ବାକ୍ୟରେ କର୍ତ୍ତା ଓ କର୍ମ ରୂପରେ ବ୍ୟବହୃତ ହୋଇଥାଏ । ଏହିସବୁ ପୁରୁଷଗୁଡ଼ିକ କ୍ରିୟାପଦ ସହିତ ଘନିଷ୍ଠ ସଂପର୍କ ରଖିଥାଏ । ଅର୍ଥାତ୍ ପୁରୁଷ ଓ ବଚନ ଅନୁସାରେ କ୍ରିୟାପଦ ନିର୍ଦ୍ଦିଷ୍ଟ ହୋଇଥାଏ । କର୍ତ୍ତାର ଯେଉଁପୁରୁଷ ଯେଉଁବଚନ ହୋଇଥାଏ କ୍ରିୟାର ସେହି ବଚନ ଓ ସେହି ପୁରୁଷ ହୋଇଥାଏ । ଯଥା–

| | କର୍ତ୍ତା ଓ କ୍ରିୟାଯୁକ୍ତ ବାକ୍ୟ | କର୍ତ୍ତାର ପୁରୁଷ ଓ ବଚନ | କ୍ରିୟାର ପୁରୁଷ ଓ ବଚନ |
|---|---|---|---|
| ୧ । | ମୁଁ ସୁଖ ପାଏ । | ମୁଁ- ପ୍ରଥମ ପୁରୁଷ / ଏକବଚନ | ପାଏ- ପ୍ରଥମପୁରୁଷ ଏକବଚନର କ୍ରିୟାରୂପ |
| | ଆମେମାନେ ସୁଖପାଉ । | ଆମେମାନେ- ପ୍ରଥମପୁରୁଷ / ବହୁବଚନ | ପାଉ- ପ୍ରଥମପୁରୁଷ ବହୁବଚନର କ୍ରିୟାରୂପ |
| ୨ । | ତୁ ସୁଖ ପାଉ ।<br>ତୁମେ ସୁଖ ପାଅ ।<br>ଅପାଣ ସୁଖ ପାଆନ୍ତି । | ତୁ, ତୁମେ, ଆପଣ – ଦ୍ୱିତୀୟ ପୁରୁଷ ଏକବଚନ ରୂପ | ପାଉ, ପାଅ, ପାଆନ୍ତି– ଦ୍ୱିତୀୟପୁରୁଷ ଏକବଚନର କ୍ରିୟାରୂପ । |
| | ତୁମେମାନେ ସୁଖ ପାଅ ।<br>ଆପଣମାନେ ସୁଖ ପାଆନ୍ତି । | ତୁମେମାନେ, ଆପଣମାନେ – ଦ୍ୱିତୀୟପୁରୁଷ / ବହୁବଚନ | ପାଅ, ପାଆନ୍ତି-ଦ୍ୱିତୀୟ ପୁରୁଷ ବହୁବଚନର କ୍ରିୟାରୂପ । |
| ୩ । | ସେ / ରାମ / ଗୀତା ସୁଖ ପାଏ । ଆଦରଅର୍ଥରେ<br>ସେ / ରାମ / ଗୀତା ସୁଖ ପାଆନ୍ତି । | ତୃତୀୟପୁରୁଷ / ଏକବଚନ ଓ ମାନ୍ୟାର୍ଥରେ ତୃତୀୟ ପୁରୁଷ / ଏକବଚନ । | ପାଏ-ଆଦରାର୍ଥକ ତୃତୀୟପୁରୁଷ ଏକବଚନର କ୍ରିୟାପଦ ।<br>ପାଆନ୍ତି-ମାନ୍ୟାର୍ଥରେ ତୃତୀୟ ପୁରୁଷ ଏକବଚନ ରୂପ |
| | ସେମାନେ ସୁଖ ପାଆନ୍ତି । | ତୃତୀୟପୁରୁଷ ବହୁବଚନ | ପାଆନ୍ତି-ତୃତୀୟପୁରୁଷ ବହୁବଚନମୂଳକ କ୍ରିୟାପଦ । |

ଏଥିରୁ ଜଣାଗଲା ପ୍ରତ୍ୟେକ ବଚନ, ପ୍ରତ୍ୟେକ ପୁରୁଷ ଅନୁସାରେ କ୍ରିୟାପଦର ରୂପ ଭିନ୍ନ ଭିନ୍ନ ହୋଇଥାଏ । ପୁରୁଷ ଓ ବଚନ ଅନୁସାରେ କ୍ରିୟାପଦର ଶେଷରେ ନିର୍ଦ୍ଦିଷ୍ଟ ବର୍ଣ୍ଣ ବା ବର୍ଣ୍ଣସମଷ୍ଟି **'କ୍ରିୟାବିଭକ୍ତି'** ଭାବରେ ଲାଗିଥାଏ । କ୍ରିୟା ବିଭକ୍ତିକୁ ଧାତୁ ବିଭକ୍ତି ବି କୁହାଯାଏ । ଧାତୁରେ କ୍ରିୟା ବିଭକ୍ତି ଲାଗିବା ଦ୍ୱାରା କ୍ରିୟାପଦଗୁଡ଼ିକର ରୂପ ଭିନ୍ନଭିନ୍ନ ହୋଇଯାଏ । ଏହାଦ୍ୱାରା କ୍ରିୟାପଦ କେଉଁ ପୁରୁଷ, କେଉଁବଚନରେ ରହିଛି ତାହା ବିଭକ୍ତିରୁ ଜଣାପଡ଼ିଥାଏ ।

### ୬.୫ : ସଂପନ୍ନ ଓ ଅସଂପନ୍ନସୂଚକ କ୍ରିୟା :

ସାଧାରଣତଃ ଆମେ ବାକ୍ୟରେ ବ୍ୟବହାର କରୁଥିବା କିୟାପଦ ଦୁଇଟି ଅର୍ଥ ସୂଚିତ କରେ । ଗୋଟିଏ କାର୍ଯ୍ୟର ସଂପନ୍ନ ବା ଶେଷ ହୋଇଥିବାର ଅର୍ଥ ଏବଂ ଅନ୍ୟଟି କାର୍ଯ୍ୟର ଅସଂପନ୍ନ ବା ଶେଷ ନହୋଇ ଚାଲୁ ଥିବାର ଅର୍ଥ । କାର୍ଯ୍ୟ ସଂପନ୍ନ କରୁଥିବା କ୍ରିୟାପଦ ଗଠନ ପାଇଁ ଆମେ କ୍ରିୟାର ମୂଳ ପ୍ରକୃତି ବା ଧାତୁରେ ସଂପନ୍ନସୂଚକ ଧାତୁ ବିଭକ୍ତି **'ଇ'** ଓ ଅସଂପନ୍ନ ଅର୍ଥସୂଚକ କିୟାପଦ ପାଇଁ ଧାତୁରେ ବିଭକ୍ତି ଚିହ୍ନ**'ଉ'** ଯୋଗ କରିଥାଉ । ପ୍ରଥମେ ଧାତୁରେ 'ଇ' ବା 'ଉ' ଯୋଗ କରି ସଂପନ୍ନ ଅସଂପନ୍ନସୂଚକ ମୂଳ କ୍ରିୟାଟିଏ ଗଠନ କରାଯାଏ । ଯଥା– ପଢ଼୍ + ଇ = ପଢ଼ି / ପଢ଼୍ + ଉ = ପଢୁ (ଏହିପରି - ଗଢ଼ି, ବିକି, ପାଇ, ଶୁଣି ଏବଂ ଗଢୁ, ବିକୁ, ପାଉ, ଶୁଣୁ ଇତ୍ୟାଦି) । ଏପ୍ରକାର ସଂପନ୍ନ/ଅସଂପନ୍ନ ସୂଚକ କ୍ରିୟାର ମୂଳରୂପ ସହିତ କାଳ-ପୁରୁଷ-ବଚନସୂଚକ ବିଭକ୍ତି ଯୋଗ କରି ସଂପନ୍ନ / ଅସଂପନ୍ନସୂଚକ କ୍ରିୟାପଦ ଗଠନ କରାଯାଏ । ଯଥା–

କାର୍ଯ୍ୟସଂପନ୍ନ ସୂଚକ କ୍ରିୟାପଦ- ପଢ୍ + ଇ = ପଢ଼ି + ବ୍ + ଅ (କାଳ-ବଚନ ସୂଚକ ବିଭକ୍ତି) = ପଢ଼ିବ / ପଢ଼ + ଇଲ୍ + ଅ = ପଢ଼ିଲ / ପଢ୍ + ଇଲ୍ + ଉ = ପଢ଼ିଲୁ / ପଢ୍ + ଇଲ୍ + ଏ = ପଢ଼ିଲେ ।

କାର୍ଯ୍ୟ ଅସଂପନ୍ନ ସୂଚକ କ୍ରିୟାପଦ = ପଢ୍ + ଉ = ପଢୁ- ପଢୁଛି / ପଢୁଥିଲା / ପଢୁଥିବେ ।

ଏବେ ତଳ ବାକ୍ୟଗୁଡ଼ିକରେ ବ୍ୟବହୃତ ରେଖାଙ୍କିତ କ୍ରିୟା ପଦଗୁଡ଼ିକୁ ଲକ୍ଷ୍ୟକର ।

(କ) ଆମେ **ପଢ଼ିଛୁ** । (ଘ) ତୁମେ **ପଢୁଥିବ** ।

(ଖ) ତୁମେ **ପଢ଼ିଲ** । (ଙ) ସେ **ପଢୁଛି** ।

(ଗ) ସେ **ପଢ଼ିଥିଲା** । (ଚ) ଆପଣମାନେ **ପଢୁଥିଲେ** ।

କ-ଖ-ଗ ବାକ୍ୟ ତିନୋଟିରେ 'ପଢ୍' ଧାତୁରେ କାର୍ଯ୍ୟ ସଂପନ୍ନ ସୂଚକ 'ଇ' ବିଭକ୍ତି ଯୋଗହୋଇ 'ପଢ଼ିଛୁ / ପଢ଼ିଲ / ପଢ଼ିଥିଲା' କ୍ରିୟାପଦ ତିନୋଟି ଗଠିତ ହୋଇଛି । ଘ-ଙ-ଚ ବାକ୍ୟ ତିନୋଟି 'ପଢ଼' ଧାତୁରେ ଅସଂପନ୍ନ ବା କାର୍ଯ୍ୟ ଶେଷ ନହୋଇ ଚାଲୁରହିଥିବାର ଅର୍ଥ ପ୍ରକାଶ ସୂଚକ 'ଉ' ବିଭକ୍ତି ଚିହ୍ନ ଯୋଗହୋଇ ପଢୁଥିବ, ପଢୁଛି ଓ ପଢୁଥିଲେ' ତିନୋଟିଯାକ କ୍ରିୟାପଦ ଗଠିତ ହୋଇଛି ।

### ୬.୬. : ଧାତୁ

କ୍ରିୟାର ମୂଳରୂପକୁ 'ଧାତୁ' କୁହାଯାଏ । ଉତ୍ପତ୍ତି ଦିଗରୁ ଆମ ଓଡ଼ିଆ ଭାଷାରେ ଚାରି ପ୍ରକାରର ପ୍ରାଥମିକ ଧାତୁ ବ୍ୟବହୃତ ହୋଇଥାଏ ।

***୬.୬.୧ :*** ଅବିକଳ ସଂସ୍କୃତ ଭାଷା ଅନୁସାରେ ପ୍ରଚଳିତ ଧାତୁକୁ **'ତତ୍ସମ ଧାତୁ'** କୁହାଯାଏ । ଯଥା– ବସ୍, ହସ୍, ଭଜ୍, ସେବ୍, ଭାଷ୍, ଚଳ୍ ।

***୬.୬.୨ :*** ସଂସ୍କୃତରୁ ସମୟ କ୍ରମେ ପରିବର୍ତ୍ତିତ ହୋଇ ଓଡ଼ିଆରେ ପ୍ରଚଳିତ ଧାତୁକୁ **'ତଦ୍ଭବଧାତୁ'** ରୂପେ ଗ୍ରହଣ କରାଯାଏ । ଯଥା- କର୍ (କୃ-କର), କାନ୍ଦ୍ (କ୍ରନ୍ଦ୍-କାନ୍ଦ୍), ଦେ (ଦା-ଦେ), ପି(ପା-ପି), ନାଚ୍ (ନୃତ୍-ନାଚ୍), ଶୁଣ୍ (ଶ୍ରୁ-ଶୁଣ୍) ।

***୬.୬.୩ :*** ଯେଉଁ ପ୍ରାଥମିକ ଧାତୁଗୁଡ଼ିକ ବୈଦେଶିକ ଭାଷା ଅନୁସାରେ ବୈଦେଶିକ ଭାଷାରୁ ଆସି ଓଡ଼ିଆ ଭାଷାରେ ପ୍ରଚଳିତ- ସେଗୁଡ଼ିକ **'ବୈଦେଶିକ ଧାତୁ'** । ଯଥା- ବଦଳ୍ / ବିଗଡ୍ / ପଗଡ୍ / ତିଆର୍ ।

***୬.୬.୪ :*** ଯେଉଁ ଧାତୁଗୁଡ଼ିକର ମୂଳଉତ୍ସ ସଂସ୍କୃତ ଅଥବା ଅନ୍ୟକୌଣସି ଭାଷାରୁ ଆସିଥିବାର ଜଣାଯାଏ ନାହିଁ ତାହାକୁ **'ଦେଶଜ ପ୍ରାଥମିକ ଧାତୁ'** ଭାବରେ ବିଚାର କରାଯାଏ । ଯଥା- ଆକଟ୍, ହାପୁଡ୍, ଭିଡ୍, ଠେଲ୍, ଚକଟ୍, ରଗଡ୍, କାମୁଡ୍, ରାଂପୁଡ୍, ଝାଙ୍କ୍, ଉଣ୍ଡ, ଠେଲ୍, ହୁଡ୍ । ଏଗୁଡ଼ିକ ଶୁଦ୍ଧ ଓଡ଼ିଆ ଧାତୁ ।

ମନେରଖ– ଏ ଚାରି ପ୍ରକାରର ପ୍ରାଥମିକ ଧାତୁକୁ ସରଳଧାତୁ କୁହାଯାଏ । ସରଳଧାତୁରେ କାଳ-ପୁରୁଷ-ବଚନ ସୂଚକ ବିଭକ୍ତି ଲାଗିବା ଦ୍ୱାରା କ୍ରିୟା ଗଠିତ ହୁଏ । କ୍ରିୟାପଦଗୁଡ଼ିକ ମାଧ୍ୟମରେ କର୍ତ୍ତାଦ୍ୱାରା କାର୍ଯ୍ୟ ସଂପାଦନ ହେଉଥିବାର ଅର୍ଥ ବୁଝାପଡ଼େ ।

### ୬.୬.୫ : ପ୍ରେରଣାର୍ଥକ ଧାତୁ :

ସରଳ ଧାତୁରେ 'ଆ' ଯୋଗ ହୋଇ ପ୍ରୟୋଜନ ଅନୁସାରେ ଆମେ ଭିନ୍ନ ଏକ ପ୍ରକାରର ଧାତୁ ଗଠନ କରି ବ୍ୟବହାର କରିଥାଉ । ଏହି ଧାତୁକୁ **'ପ୍ରେରଣାର୍ଥକ ଧାତୁ'** କୁହାଯାଏ । ଯଥା– ଦେଖ୍ + ଆ = ଦେଖା / ଶୁଣ୍ + ଆ = ଶୁଣା / ଭିଡ୍ + ଆ = ଭିଡ଼ା / ବଦଳ୍ + ଆ = ବଦଳା ।

ପ୍ରତ୍ୟେକ ପ୍ରେରଣାର୍ଥକ ଧାତୁ 'ଆକାରାନ୍ତ' । ଏହି ଧାତୁରୁ ସୃଷ୍ଟ କ୍ରିୟାପଦ ଦ୍ୱାରା କର୍ତ୍ତା ଅନ୍ୟ ମାଧ୍ୟମରେ କାର୍ଯ୍ୟ କରାଉଥିବାର ବୁଝାପଡ଼େ । ଅର୍ଥାତ୍ ଆକାରନ୍ତ ପ୍ରେରଣାର୍ଥକ ଧାତୁରୁ ସୃଷ୍ଟ କ୍ରିୟାଯୋଗେ କର୍ତ୍ତା ପ୍ରୟୋଜନ ଦୃଷ୍ଟିରୁ ଅନ୍ୟ କାହା ଦ୍ୱାରା କାର୍ଯ୍ୟ କରାଇବାର ଅର୍ଥ ଜଣାଯାଏ । ପ୍ରୟୋଜନ ଦିଗରୁ ଅନ୍ୟ କାହାଦ୍ୱାରା କାର୍ଯ୍ୟ କରାଯାଉଥିବାରୁ ଏପ୍ରକାର ଧାତୁକୁ **'ପ୍ରୟୋଜକ ଧାତୁ'** ବି କୁହାଯାଏ । ଏବେ ସରଳ ଧାତୁମୂଳକ କ୍ରିୟାପଦ ଥିବା ଓ ଆକାରାନ୍ତ ପ୍ରେରଣାର୍ଥକ ଧାତୁରୁ ସୃଷ୍ଟ କ୍ରିୟାପଦ ଥିବା କେତେକ ବାକ୍ୟ ଦିଆଗଲା । ସେଗୁଡ଼ିକୁ ତୁଳନା କରି ଦେଖ ।

| **ସରଳଧାତୁ ମୂଳକ କ୍ରିୟାପଦ** | **ଆକାରାନ୍ତ ମୂଳକ / ପ୍ରେରଣାର୍ଥକ ଧାତୁ ମୂଳକ କ୍ରିୟାପଦ** |
|---|---|
| ସେ ପଢୁଛି | ସେ ପଢ଼ାଉଛି (ପଢ୍ + ଆ = ପଢ଼ା) |
| ମୁଁ ଖେଳୁଛି | ମୁଁ ଖେଳାଉଛି (ଖେଳ୍ + ଆ= ଖେଳା) |
| ତୁମେ ଆଣ | ତୁମେ ଅଣାଅ (ଆଣ୍ + ଆ = ଅଣା) |

ସରଳଧାତୁରେ 'ଆ' ଯୋଗ ହେଲେ ପ୍ରେରଣାର୍ଥକ ଧାତୁ ଗଠିତ ହୁଏ । ପ୍ରେରଣାର୍ଥକ ଆକାରନ୍ତ ଧାତୁଗୁଡ଼ିକରୁ ଅନ୍ୟ ଦ୍ୱାରା କାର୍ଯ୍ୟ କରାଇବା ଅର୍ଥ ପ୍ରକାଶପାଏ ।

**ଯେଉଁ କ୍ରିୟା ଦ୍ୱାରା କେହି କିଛି କରାଇବାର ବୁଝାଯାଏ, ତାହାକୁ 'ପ୍ରେରଣାର୍ଥକ କ୍ରିୟା' କହନ୍ତି ।**

### ୬.୬.୬ : ନାମଧାତୁ ଓ ନାମଧାତୁମୂଳକ କ୍ରିୟାପଦ–

କେବଳ 'ଧାତୁ' ନୁହେଁ ; ଅନେକ ସମୟରେ ଓଡ଼ିଆରେ ବିଶେଷ୍ୟ ଓ ବିଶେଷଣ ପଦର ସରଳ ରୂପରେ 'ଆ' ପ୍ରତ୍ୟୟ ଯୋଗ ହୋଇ ଏକ ପ୍ରକାର ଶବ୍ଦମୂଳକ ବା ପଦମୂଳକ ଧାତୁ ଗଠିତ ହୁଏ । ମୁଖ୍ୟତଃ ବିଶେଷ୍ୟ ବା ନାମବାଚକ ପଦ ଓ ତା'ର ବିଶେଷତ୍ୱ ସୂଚିତ ପଦକୁ ମୂଳକରି ଏହିଶ୍ରେଣୀୟ ଧାତୁ ଗଠିତ ହେଉଥିବାରୁ ଏହାକୁ **'ନାମଧାତୁ'** କୁହାଯାଏ ।

***ଯେଉଁ କ୍ରିୟାପଦ ବିଶେଷ୍ୟ ବା ବିଶେଷଣ ଶବ୍ଦକୁ ଆଧାର କରି ଗଠିତ ହୋଇଥାଏ, ତାହାକୁ ନାମଧାତୁ କ୍ରିୟାପଦ କହନ୍ତି ।***

**୬.୬.୭ :** ଶୁଦ୍ଧ ଧାତୁରୁ ଗଠିତ ନହୋଇ ବିଶେଷ୍ୟାଦି ନାମବାଚକ ପଦ ସହିତ ଧାତୁ ପ୍ରତ୍ୟୟ– 'ଆ' ଓ କ୍ରିୟାବିଭକ୍ତି ମିଳିତ ହୋଇ ନାମଧାତୁ– କ୍ରିୟାପଦ ଗଠନ କରାଯାଉଥିବାରୁ ଏପ୍ରକାର କ୍ରିୟା ପଦଗୁଡ଼ିକ ପ୍ରାୟତଃ ମିଶ୍ରକ୍ରିୟା । ଉଦାହରଣ ତିନୋଟିକୁ ଲକ୍ଷ୍ୟ କର ।

● ଏଣିକି ପିଲାଟି **ପେଟାଇବ** । ● ସେ ଧୀରେଧୀରେ ପଇସା **ଜମାଇଲା** । ● ସବୁ କଥାରେ ତୁମେ **ପଛାଉଛ** ।

ବାକ୍ୟ ତିନୋଟିରେ 'ପେଟାଇବ / ଜମାଇଲା / ପଛାଉଛ'- ତିନୋଟି କ୍ରିୟାପଦ । ମାତ୍ର ଏସବୁ କ୍ରିୟାର ମୂଳରୂପରେ ଧାତୁ ଉପସ୍ଥିତ ନାହିଁ । 'ପେଟାଇବ'ରେ 'ପେଟ', ଜମାଇଲାରେ 'ଜମା' ଓ ପଛାଉଛିରେ 'ପଛ' ତିନୋଟି ଶବ୍ଦ ମୂଳ ରୂପରେ ରହିଛି । ପେଟ, ଜମା, ପଛ- ପ୍ରତ୍ୟେକ ଗୋଟିଏ ଗୋଟିଏ ନାମ ବା ବିଶେଷ୍ୟ ପଦ । ପ୍ରତ୍ୟେକ ଶବ୍ଦରେ 'ଆ' ଯୋଗ ହୋଇ ପ୍ରେରଣାର୍ଥକ ଧାତୁ ଭଳି ଆକାରାନ୍ତ ମୂଳରୂପ ପେଟା / ଜମା / ପଛା- ଗଠିତ ହୋଇଛି । ପେଟା / ଜମା / ପଛା-ଶବ୍ଦରୂପଗୁଡ଼ିକରେ କାଳ-ପୁରୁଷ-ବଚନାଦି ବିଭକ୍ତି ଯୋଗ ହୋଇଛି । ଫଳତଃ ସରଳ ନାମ ବା ଶବ୍ଦ ଧାତୁରେ ରୂପାନ୍ତରିତ ହୋଇଛି । କାଳ-ପୁରୁଷ-ବଚନାଦି ସୂଚକ ବିଭକ୍ତି ସହିତ ମିଶି ନାମଧାତୁ ମୂଳକ ମିଶ୍ର କ୍ରିୟାପଦ ପେଟାଇବ, ଜମାଇଲା ଓ ପଛାଉଛି- ଗଠିତ ହୋଇଛି ।

***୬.୬.୮ :*** ବେଳେବେଳେ ନାମବାଚକ ଶବ୍ଦ ଓ ବିଶେଷଣରେ 'ଆ' ବଦଳରେ ଏହାର ଉପରୂପ ଏ / ଅ ମଧ୍ୟ ଯୋଗହୋଇ ନାମଧାତୁ ରୂପ ପାଇଥାଏ । ତଳ ଦୃଷ୍ଟାନ୍ତଗୁଡ଼ିକୁ ଲକ୍ଷ୍ୟକର ।

(କ) **ବିଶେଷ୍ୟ ପଦରୁ ସୃଷ୍ଟ ନାମଧାତୁମୂଳକ କ୍ରିୟାପଦ :**

ଆ-ମୂଳକ– ମୁଣ୍ଡ + ଆ = ମୁଣ୍ଡା- ମୁଣ୍ଡାଏ, ମୁଣ୍ଡାଉଛି, ମୁଣ୍ଡାଇବା ।

ଏ-ମୂଳକ– ମୁଣ୍ଡ + ଏ = ମୁଣ୍ଡେ- ମୁଣ୍ଡେଇବ, ମୁଣ୍ଡେଇଲା, ମୁଣ୍ଡେଇଲାନି ।

ଅ-ମୂଳକ– ମୁଣ୍ଡ + ଅ = ମୁଣ୍ଡ- ମୁଣ୍ଡଉଚି, ମୁଣ୍ଡଉଥିବ ।

**(ଖ) ବିଶେଷଣ ପଦରୁ ସୃଷ୍ଟ ନାମଧାତୁମୂଳକ କ୍ରିୟାପଦ :**

ଆ-ମୂଳକ– ଆଗ- ଆଗାଏ, ଆଗାନ୍ତୁ ।
ପଛ- ପଛାଏ, ପଛାଇଲା, ପଛାଇବ ।
ବଙ୍କା- ବଙ୍କାଏ, ବଙ୍କାନ୍ତୁ, ବଙ୍କାଇଲା, ବଙ୍କାଇବା ।

ଏ-ମୂଳକ– ଆଗ- ଆଗେଇଲା, ଆଗେଇବ ।
ପଛ- ପଛେଇଛି, ପଛେଇବ ।
ବଙ୍କା- ବଙ୍କେଇଲାଣି, ବଙ୍କେଇବ ।

ଅ-ମୂଳକ– ଆଗ- ଆଗଉଛି, ଆଗଉଥିବ ।
ପଛ- ପଛଉଛି, ପଛଉଥିଲା ।
ବଙ୍କା- ବଙ୍କଉଛି, ବଙ୍କଉଥିବ ।

### ୬.୬.୯ : ନାମଧାତୁ କ୍ରିୟାପଦ

| ବିଶେଷ୍ୟ ପଦ | ଆ-ଯୋଗେ | ଏ-ଯୋଗେ | ଅ-ଯୋଗେ |
|---|---|---|---|
| ଲଟା | ଲଟାଇବା | ଲଟେଇବା | ଲଟଉଥିବ |
| କୋଳ | କୋଳାଇବା | କୋଳେଇବା | କୋଳଉଥିଲା |
| ମୁହଁ | ମୁହାଁଇବା | ମୁହେଁଇବା | ମୁହଁଉଥିବା |
| ମନ | ମନାଇବା | ମନେଇଲା | ମନଉଥିଲା |
| **ବିଶେଷଣ ପଦ** | **ଆ-ଯୋଗେ** | **ଏ-ଯୋଗେ** | **ଅ-ଯୋଗେ** |
| ଗୋଟା | ଗୋଟାଇବା | ଗୋଟେଇବା | ଗୋଟଉଥିବା |
| ତରଳ | ତରଳାଇବା | ତରଳେଇଲେ | ତରଳଉଥିବେ |
| ବହଳ | ବହଳାଇଲେ | ବହଳେଇବା | ବହଳଉଥିବେ |
| ଛୋଟ | ଛୋଟାଇବା | ଛୋଟେଇବା | ଛୋଟଉଥିବା |

କେତେକ କ୍ଷେତ୍ରରେ ଆ / ଏ ଇତ୍ୟାଦି ଯୋଗ ନହୋଇ ବି ମୂଳ ଶବ୍ଦ ଅନୁରୂପ ହୋଇ ନାମଧାତୁ କ୍ରିୟାପଦ ଗଠିତ ହୋଇଥାଏ । ଯଥା– ସଳଖ-ସଳଖିବା / ଛନ୍ଦ / ଛନ୍ଦିବ / ଖୁଣ୍ଟ-ଖୁଣ୍ଟିଲା / କଅଁଳା-କଅଁଳିବା ।

### ୬.୭ : ସମାପିକା ଓ ଅସମାପିକା କ୍ରିୟା :

ଭାବ ବିନିମୟ ପାଇଁ ଆମେ ବାକ୍ୟକୁ ଶ୍ରେଷ୍ଠ ମାଧ୍ୟମ ରୂପେ ଗ୍ରହଣ କରିଥାଉ । ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଓ ସାର୍ଥକ ବାକ୍ୟ ଅତିକମ୍‌ରେ ଦୁଇଟି ପଦ ରହିଥାଏ । ଗୋଟିଏ କର୍ତ୍ତା ଓ ଆରଟି କ୍ରିୟା । ଯଥା–

ମୁଁ ଖାଉଛି । ସେ ଖେଳୁଛି । ତୁମେ ଆସିବ । ଆପଣମାନେ ଗଲେ । ହାଟ ସରିଗଲା । ରାତି ପାହିଲା ।

ଏଠାରେ ପ୍ରତ୍ୟେକ ବାକ୍ୟ 'ମୁଁ / ସେ / ତୁମେ / ଆପଣମାନେ / ହାଟ / ରାତି' ଇତ୍ୟାଦି କର୍ତ୍ତାକୁ ଆଧାର କରି ଆରମ୍ଭ ହୋଇଛି ଓ 'ଖାଉଛି, ଖେଳୁଛି, ଆସିବ, ଗଲେ, ସରିଗଲା, ପାହିଲା, ଇତ୍ୟାଦି କ୍ରିୟାପଦ ମାଧ୍ୟମରେ ଶେଷ ହୋଇଛି । ଏଥିରୁ ଆମେ ଜାଣିଲୁ– କେତେକ କ୍ରିୟାପଦ ଦ୍ୱାରା ବାକ୍ୟ ସଂପୂର୍ଣ୍ଣ ଓ ଶେଷହୁଏ ।

**୬.୮ :** ଏବେ ଆଉ କିଛି ଦୃଷ୍ଟାନ୍ତକୁ ଲକ୍ଷ୍ୟ କର ।

| | | |
|---|---|---|
| ମୁଁ ଯିବି । | ଆମେ ଯିବୁ । | ଆମେମାନେ ଯିବା । |
| ତୁମେମାନେ ଯିବ । | ସେ ଯିବ । | ସେମାନେ ଯିବେ । |

ଆମେ ବାକ୍ୟଗୁଡ଼ିକୁ ବିଚାର କଲେ ଦେଖିବା–ଦୁଇଟି ଦିଗରୁ ଏଗୁଡ଼ିକରେ 'ଯା / ଯିବା' କ୍ରିୟାପଦ ବ୍ୟବହୃତ ହୋଇଛି । ପ୍ରଥମତଃ 'ଯା ବା ଯିବା' କ୍ରିୟାପଦ ପ୍ରତ୍ୟେକ ବାକ୍ୟକୁ ସମାପ୍ତ କରୁଛି । ଦ୍ୱିତୀୟତଃ ପ୍ରତି ବାକ୍ୟରେ କର୍ତ୍ତା ପଦ ବଦଳିଯାଉଥିବାରୁ କ୍ରିୟାପଦର ରୂପ ତାହା ଅନୁସାରେ ବଦଳି ଯାଉଛି । ଅର୍ଥାତ୍ ମୁଁ / ଆମେ / ତୁମେମାନେ / ସେମାନେ / ସେ / ଆମେମାନେ– ଇତ୍ୟାଦି କର୍ତ୍ତାପଦ ବିଭିନ୍ନ ବଚନ ଓ ପୁରୁଷର ହୋଇଥିବାରୁ କର୍ତ୍ତାପଦ ଅନୁସାରେ କ୍ରିୟାପଦ ଯଥାକ୍ରମେ ଯିବି, ଯିବୁ, ଯିବ, ଯିବେ, ଯିବ, ଯିବା ହୋଇଛି ।

ଏଥିରୁ ଜଣାଗଲା– ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟ ସମାପ୍ତ ହୁଏ ଓ ବାକ୍ୟର ଅର୍ଥ ସଂପୂର୍ଣ୍ଣ ପ୍ରକାଶପାଏ, ସେଗୁଡ଼ିକର ରୂପ କର୍ତ୍ତାର ପୁରୁଷ-ବଚନ ଅନୁସାରେ ବଦଳିଯାଏ ।

**୬.୯ :**

ଏପରିକି କାଳ ଓ ଭାବ ଅନୁସାରେ ମଧ୍ୟ ବାକ୍ୟକୁ ସମାପ୍ତ କରୁଥିବା କ୍ରିୟାପଦର ରୂପରେ ପରିବର୍ତ୍ତନ ଘଟେ । ଯଥା– ମୁଁ ଏବେ ଯାଉଛି । ମୁଁ କାଲି ଯାଇଥିଲି । ମୁଁ ଆସନ୍ତାକାଲି ଯିବି । ମୁଁ କାଲି ଯାଇଥାଆନ୍ତି ।

ଏଠାରେ କାଳ ଓ ଭାବ ଅନୁସାରେ 'ଯିବା' କ୍ରିୟାପଦର ଭିନ୍ନଭିନ୍ନ ରୂପ ହୋଇଛି । କର୍ତ୍ତା ସମାନ ଥିଲେବି କ୍ରିୟାର ରୂପ ଅଲଗା ଅଲଗା ହୋଇଛି । ପ୍ରତ୍ୟେକ କ୍ରିୟାପଦ ଅନ୍ୟ କୌଣସି କ୍ରିୟାକୁ ଅପେକ୍ଷା ନକରି କାଳ ଓ ଭାବ ଅନୁସାରେ ବାକ୍ୟକୁ ସମାପ୍ତ କରୁଛନ୍ତି ।

**୬.୧୦ :** ଆମ ଭାଷାରେ ଆଉ କେତେକ କ୍ରିୟାପଦ ବ୍ୟବହୃତ ହୋଇଥାଏ, ଯାହାର ବଚନ-ପୁରୁଷ-କାଳ ଓ କର୍ତ୍ତାପଦ ଅନୁସାରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ତଳ ଉଦାହରଣଗୁଡ଼ିକୁ ପଢ଼ । ଏଥିରେ ଥିବା କଳାମୋଟା ଅକ୍ଷରର ପଦ ଓ ରେଖାଙ୍କିତ ପଦକୁ ଲକ୍ଷ୍ୟକର ।

| ପ୍ରଥମ ଭାଗ | ଦ୍ୱିତୀୟଭାଗ |
|---|---|
| (କ) ସେ ଠାକୁର ପୂଜି ଭାତ **ଖାଇବ** । | (ଘ) ସେ କଥାଟିକୁ ଫେଣେଇ ଫେଣେଇ **ରଙ୍ଗେଇଲା** । |
| (ଖ) ମୁଁ ଠାକୁର ପୂଜି ଭାତ **ଖାଇବି** । | (ଙ) ତୁମେ କଥାଟିକୁ ଫେଣେଇ ଫେଣେଇ **ରଙ୍ଗେଇଲ** । |
| (ଗ) ତୁ ଠାକୁର ପୂଜି ଭାତ **ଖାଇବୁ** । | (ଚ) ଆପଣ କଥାଟିକୁ ଫେଣେଇ ଫେଣେଇ **ରଙ୍ଗେଇଲେ** । |

ପ୍ରଥମ ଭାଗର କ-ଖ-ଗ ବାକ୍ୟରେ ଧାତୁରୁ ଗଠିତ ଦୁଇପ୍ରକାର କ୍ରିୟା ବ୍ୟବହୃତ ହୋଇଛି । ପୂଜ୍+ଇ='ପୂଜି' କ୍ରିୟାପଦଟି ତିନୋଟି ଯାକ ବାକ୍ୟରେ ସମରୂପରେ ବ୍ୟବହୃତ ହୋଇଛି । 'ଖା' ଧାତୁରୁ କାଳ- ପୁରୁଷ-ବଚନ ବିଭକ୍ତି ଯୋଗେ ଖାଇବ / ଖାଇବି ଖାଇବୁ କ୍ରିୟା ଭିନ୍ନଭିନ୍ନ ରୂପରେ ବ୍ୟବହୃତ ହୋଇଛି । 'ପୂଜି' 'ପୂଜ୍' ଧାତୁରୁ ଗଠିତ ଏକ କ୍ରିୟାପଦ । ମାତ୍ର ଏହାଦ୍ୱାରା ବାକ୍ୟ ସମାପ୍ତ ହେଉନାହିଁ । ସେ ଠାକୁର ପୂଜି / ମୁଁ ଠାକୁର ପୂଜି / ତୁ ଠାକୁର ପୂଜି- କୌଣସିବାକ୍ୟ ସଂପୂର୍ଣ୍ଣ ହେଉନାହିଁ । ବାକ୍ୟ ତିନୋଟି ସଂପୂର୍ଣ୍ଣ ହେବାପାଇଁ କଳା ଅକ୍ଷରର କ୍ରିୟାପଦ ଖାଇବ / ଖାଇବି / ଖାଇବୁ ଇତ୍ୟାଦିକୁ ଅପେକ୍ଷା କରୁଛି । ପୁନଶ୍ଚ "ପୂଜି" କ୍ରିୟାପଦଟି କର୍ତ୍ତା କି କର୍ତ୍ତାର ପୁରୁଷ-ବଚନ ଓ କାଳ ସହିତ ସମ୍ବନ୍ଧ ରଖୁନାହିଁ । ଫଳରେ କର୍ତ୍ତା ପଦ 'ସେ' 'ମୁଁ' ଓ 'ତୁ' ଅଲଗା ଅଲଗା ହେଲେ ବି 'ପୂଜି'ର ରୂପ ବଦଳୁ ନାହିଁ । କିନ୍ତୁ 'କ-ଖ-ଗ' ବକ୍ୟରେ କର୍ତ୍ତାର ପରିବର୍ତ୍ତନରେ ବାକ୍ୟର ସମାପ୍ତି ସାଧନ କରୁଥିବା କ୍ରିୟାପଦ ଭିନ୍ନଭିନ୍ନ ରୂପର ହୋଇଛି । ଯଥା– ସେ-ଖାଇବ / ମୁଁ-ଖାଇବି / ତୁ-ଖାଇବୁ ।

ସେହିପରି ଦ୍ୱିତୀୟ ଭାଗର 'ଘ-ଙ-ଚ' ବାକ୍ୟ ତିନୋଟିରେ 'ଫେଣ' ବିଶେଷ୍ୟ ପଦକୁ ମୂଳକରି ଗଠିତ ନାମଧାତୁ ମୂଳକ କ୍ରିୟାପଦ 'ଫେଣେଇ' ଦ୍ୱିତ୍ୱ ରୂପରେ ବ୍ୟବହୃତ ହୋଇଛି । 'ଫେଣେଇ ଫେଣେଇ' ଏହି ନାମଧାତୁମୂଳକ କ୍ରିୟାପଦଟି ଦ୍ୱାରା ବାକ୍ୟର ସମାପ୍ତି ଘଟୁନାହିଁ । ଏପରିକି କର୍ତ୍ତା-ସେ / ତୁମେ / ଆପଣ- ଏ ରୂପେ ତିନି ପ୍ରକାରେ ବଦଳିଥିଲେ ବି 'ଫେଣେଇ ଫେଣେଇ' ନାମଧାତୁ ମୂଳକ କ୍ରିୟାପଦଟି ଅପରିବର୍ତ୍ତିତ ରହିଛି । ପୁନଶ୍ଚ ଘ-ଙ-ଚ-ବାକ୍ୟ ତିନୋଟିରେ 'ରଙ୍ଗ' ଶବ୍ଦକୁ ମୂଳକରି ତିନୋଟି ନାମଧାତୁମୂଳକ କ୍ରିୟାପଦ-ରଙ୍ଗେଇଲା, ରଙ୍ଗେଇଲ ଓ ରଙ୍ଗେଇଲେ-

ତିନିପ୍ରକାର ଭିନ୍ନଭିନ୍ନ ରୂପରେ ବ୍ୟବହୃତ ହୋଇଛି । ତିନୋଟିଯାକ ନାମଧାତୁ କ୍ରିୟାପଦରୁ ବାକ୍ୟର ସଂପୂର୍ଣ୍ଣତା ଜଣାପଡୁଛି ।

ଉପରେ ଦିଆଯାଇଥିବା 'କ'ଠାରୁ 'ଚ' ପର୍ଯ୍ୟନ୍ତ ଛଅଗୋଟି ବାକ୍ୟକୁ ବିଚାର କଲେ ଆମେ ଜାଣିପାରିବା ଯେ- ଆମେ ବାକ୍ୟରେ ଦୁଇପ୍ରକାରର କ୍ରିୟାପଦ ବ୍ୟବହାର କରିଥାଉ । ଗୋଟିଏ ବାକ୍ୟର ଭାବକୁ ସଂପୂର୍ଣ୍ଣ ଭାବରେ ପ୍ରକାଶ କରାଇ ବାକ୍ୟଟିକୁ ଶେଷ କରାଇଥାଏ ଓ ଅନ୍ୟଟି ବାକ୍ୟର ଭାବକୁ ଅସମାପ୍ତ କରି କେବଳ ନିର୍ଦ୍ଦିଷ୍ଟ କାର୍ଯ୍ୟ ଘଟିସାରିଥିବାର ବା ଘଟୁଥିବାର ବୁଝାଏ । ପ୍ରଥମ ପ୍ରକାରଟିକୁ **'ସମାପିକା'** ଓ ଦ୍ୱିତୀୟ ପ୍ରକାରଟିକୁ **'ଅସମାପିକା'** କ୍ରିୟା କୁହାଯାଏ ।

**୬.୧୧ :** **ଯାହା ଦ୍ୱାରା ବାକ୍ୟ ଶେଷହୁଏ ସେହି କ୍ରିୟାକୁ 'ସମାପିକା କ୍ରିୟା' ଓ ଯେଉଁ କ୍ରିୟା ବାକ୍ୟକୁ ସମାପ୍ତ କରିପାରେ ନାହିଁ ତାହାକୁ 'ଅସମାପିକା କ୍ରିୟା' କହନ୍ତି ।**

ଧାତୁରୁ ଗଠିତ ଶୁଦ୍ଧ କ୍ରିୟା ହେଉ ଅଥବା ନାମଧାତୁମୂଳକ ମିଶ୍ରକ୍ରିୟା ହେଉ,

**ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟ ଶେଷହୁଏ ତାହାକୁ 'ସମାପିକା କ୍ରିୟା' କୁହାଯାଏ ।**

ସେହିପରି ଧାତୁଗଠିତ ହେଉ ଅଥବା ଶବ୍ଦରୁ ଗଠିତ ନାମଧାତୁ କ୍ରିୟାପଦ ହେଉ-

**ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟ ଶେଷ ହୋଇପାରେ ନାହିଁ ଓ କାର୍ଯ୍ୟ ଅସମାପ୍ତ ଭାବରେ ଘଟିଚାଲିବାର ବା ଚାଲୁଥିବାର ବୁଝାପଡ଼େ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ ।**

**୬.୧୨ :** ଏବେ 'ସମାପିକା କ୍ରିୟା' ବିଷୟରେ କିଛି ଅଧିକ କଥା ଜାଣିବା ।

(କ) ସମାପିକା କ୍ରିୟା ସ୍ୱାଧୀନ । ଏହାର ବ୍ୟବହାର ଦ୍ୱାରା ଅନ୍ୟ କ୍ରିୟାକୁ ଅପେକ୍ଷାନକରି ବା ଅନ୍ୟ କ୍ରିୟାର ସାହାଯ୍ୟ ନନେଇ ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଇଥାଏ ।

(ଖ) ସମାପିକା କ୍ରିୟା ଦ୍ୱାରା ବାକ୍ୟର ସଂପୂର୍ଣ୍ଣତା ସାଧନ ହେଉଥିବାରୁ ଏହା ବିନା ବାକ୍ୟ ଗଠିତ ହୋଇପାରେ ନାହିଁ ।

(ଗ) ସମାପିକା କ୍ରିୟା କର୍ତ୍ତା ସହିତ ସମ୍ବନ୍ଧ ରଖିଥାଏ । ଏହିକ୍ରିୟା କର୍ତ୍ତାର ପୁରୁଷ-ବଚନ ଏବଂ ବାକ୍ୟାର୍ଥର କାଳ ଅନୁସାରେ ବଦଳେ ।

(ଘ) ବିଭିନ୍ନ ପୁରୁଷ, ବଚନ, କାଳ ଓ ଭାବକୁ ନେଇ ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାର ଯେତେ ପ୍ରକାର ରୂପ ହୋଇପାରେ- ସେହିସମସ୍ତ ରୂପ ସମାପିକା କ୍ରିୟା ଭାବରେ ବାକ୍ୟରେ ବ୍ୟବହୃତ ହୋଇ ପାରନ୍ତି । ଯଥା-

| | |
|---|---|
| ପୁରୁଷ ଅନୁସାରେ– | ମୁଁ **ଖେଳେ** / ତୁ **ଖେଳୁ** / ସେ **ଖେଳନ୍ତି** । |
| ବଚନ ଅନୁସାରେ– | ମୁଁ **ଖେଳିଲି** (ଏକବଚନ) ଆମେମାନେ **ଖେଳିଲୁ** (ବହୁବଚନ) । |
| କାଳ ଅନୁସାରେ– | ମୁଁ **ଖେଳୁଛି** / ସେ **ଖେଳିବେ** / ତୁମେ **ଖେଳିଲ** । (ବର୍ତ୍ତମାନ-ଭବିଷ୍ୟତ-ଅତୀତ) |
| ଭାବ ଅନୁସାରେ– | ତୁ **ଖେଳ୍** / ସେ **ଖେଳନ୍ତେ** / ଆମେ **ଖେଳନ୍ତୁ** । |

ଏଠାରେ ପୁରୁଷ, ବଚନ, କାଳ ଓ ଭାବ ଅନୁସାରେ 'ଖେଳ୍' କ୍ରିୟାର ବିଭିନ୍ନ ରୂପ- 'ଖେଳେ, ଖେଳୁ, ଖେଳନ୍ତି, ଖେଳିଲି, ଖେଳିଲୁ, ଖେଳୁଛି, ଖେଳିବେ, ଖେଳିଲ, ଖେଳ୍, ଖେଳନ୍ତେ ଖେଳନ୍ତୁ ଇତ୍ୟାଦି ଏକଏକ ସମାପିକା କ୍ରିୟା ରୂପେ ବାକ୍ୟରେ ବ୍ୟବହୃତ ହୋଇଛି ।

**୬.୧୩ :** ଏବେ 'ଅସମାପିକା କ୍ରିୟା' ବିଷୟରେ କିଛି ଅଧିକା ଜାଣିବା ।

(କ) ବାକ୍ୟରେ ଅସମାପିକା କ୍ରିୟା ବାକ୍ୟର ସମାପ୍ତି ସାଧନ କରେ ନାହିଁ । ବରଂ ବାକ୍ୟରେ ଏହା କୌଣସି କାର୍ଯ୍ୟର ଅସମାପ୍ତିକୁ ବୁଝାଏ ।

(ଖ) ଏହି କ୍ରିୟାପଦ କର୍ତ୍ତାର ପୁରୁଷ-ବଚନ-କାଳ-ଭାବ ଅନୁସାରେ ବଦଳେ ନାହିଁ ।

(ଗ) ଅସମାପିକା କ୍ରିୟା ମୂଳଧାତୁରେ ଇ / ଉ / ଇଲେ / ଅନ୍ତେ ଯୋଗହୋଇ ଗଠିତ ହୋଇଥାଏ । ଯଥା– ଦେଖ୍ + ଇ = ଦେଖି (ସେ ଫସଲ କିଆରି ଦେଖି ସଂଧ୍ୟାରେ ଫେରିବ) / ଦେଖ୍ + ଉ = ଦେଖୁ, (ସେ ନଈ ନ ଦେଖୁ ଲଙ୍ଗଳାହେବା ଲୋକ) / ଦେଖ୍ + ଇଲେ = ଦେଖିଲେ (ସେ ତାଙ୍କୁ ଦେଖିଲେ କହିବେ) / ଦେଖ୍ + ଅନ୍ତେ = ଦେଖନ୍ତେ (ସେ ଦେଖନ୍ତେ ମୁଁ ଆସିଲି) ।

(ଘ) ଅସମାପିକା କ୍ରିୟା ଦୋହରା ଯାଇ ଦ୍ୱିତ୍ୱରୂପରେ ବ୍ୟବହୃତ ହୁଏ । ଦୁଇଟି କାର୍ଯ୍ୟ ଏକାସାଙ୍ଗରେ ହେଉଥିଲେ ଆଗପଛ ହୋଇ ନିଷ୍ପନ୍ନ ହେଉଥିଲେ ଇ / ଉ ଯୋଗେ ଗଠିତ କ୍ରିୟାପଦ ଦ୍ୱିତ୍ୱ ହୋଇଥାଏ । ଯଥା- ଦେଖିଦେଖି / ଚାହିଁଚାହିଁ / କହିକହି / ଯାଉଯାଉ / ପଢୁପଢୁ / ଲେଖୁଲେଖୁ ।

(ଙ) ଅସମାପିକା କ୍ରିୟାର ରୂପରେ ଣୁ / କରି / କି ପ୍ରତ୍ୟୟ ଯୋଗ ହୋଇଥାଏ । ଦେଖୁଣୁ / ରଖୁଣୁ / ନଯାଉଣୁ / ରଖିକରି / ଦେଖିକି / ଶୁଣିକି ଇତ୍ୟାଦି । ଏବେ କେତୋଟି ଅସମାପିକା କ୍ରିୟା ଥିବା ଉଦାହରଣକୁ ଲକ୍ଷ୍ୟ କର ।

(କ) ତୁ ଏମିତି ନଈ ନ ଦେଖୁଣୁ ଲଙ୍ଗଳା ହେଲୁ କାହିଁକି ? (ଖ) ସେ ପଢୁପଢୁ ଶୋଇପଡ଼ିଲା ।

(ଗ) ତୁମେ ଆସିଲେ ସେ ଯିବେ । (ଘ) ଆପଣ ଖୋଜିଖୋଜି ଥକିଗଲେଣି ।

(ଙ) ସେ ହସିକରି କଥାବାର୍ତ୍ତା ହେଲେ । (ଚ) ତାକୁ ଦେଖିକି ସେ ଡରିଗଲେ ।

**୬.୧୪ :** ସମାପିକା କ୍ରିୟା ଅନ୍ୟ କ୍ରିୟାକୁ ଅପେକ୍ଷା ନକରି ବାକ୍ୟରେ ସଂପୂର୍ଣ୍ଣତା ଆଣିପାରିଥାଏ । ମାତ୍ର ଅସମାପିକା କ୍ରିୟା ଦ୍ୱାରା ବାକ୍ୟରେ ଶେଷ ହୁଏ ନାହିଁ । ବାକ୍ୟର ସମାପ୍ତି ପାଇଁ ଅସମାପିକା କ୍ରିୟା ସମାପିକା କ୍ରିୟାକୁ ଅପେକ୍ଷା କରେ । ସାଧାରଣତଃ ସମାପିକା କ୍ରିୟାପଦ ଆମ ଭାଷାରେ ବାକ୍ୟର ଶେଷରେ ବସେ । କେତେକ ସ୍ଥଳରେ ଏହା ବାକ୍ୟର ମଝି ସ୍ଥଳରେ ବି ବସିଥାଏ । ଯଥା- ତୁମେ **କରିବ** ପରିଶ୍ରମ, ସେ **ପାଇବ** ଲାଭ । ମୁଁ **କିଣିଲି** ବହି, ସେ **ସଜେଇଲା** ଥାକ ।

## ୬.୧୫ : କ୍ରିୟାର କାଳ ଓ ଭାବ ଅନୁସାରୀ ରୂପ :-

ଉପର ଆଲୋଚନାରୁ ଆମେ ଜାଣିପାରୁଛେ ଯେ କ୍ରିୟାର କର୍ତ୍ତାନୁସାରେ ପୁରୁଷ, ବଚନ, କାଳ ଓ ଭାବ ରହିଛି । ସମାପିକା କ୍ରିୟାରୁ ବାକ୍ୟର ଭାବ କେଉଁକାଳକୁ ନେଇ ପ୍ରକାଶ ପାଇଛି ବୁଝାପଡ଼େ । ଅର୍ଥାତ୍ ବାକ୍ୟରେ କର୍ତ୍ତାର କାର୍ଯ୍ୟ / କର୍ମ ଅନୁସାରେ କାଳର ଧାରଣା ମିଳେ । ଯେପରି 'ଖେଳୁଛି'ରୁ ବର୍ତ୍ତମାନ କାଳ, 'ଖେଳିବି'ରୁ ଭବିଷ୍ୟତ

କାଳ, 'ଖେଳିଲି'ରୁ ଅତୀତ କାଳ, 'ଖେଳିଥା'ରୁ ଅନୁଜ୍ଞାଭାବ ଓ 'ଖେଳିଥାନ୍ତୁ'ରୁ ସଂଭାବନା ମୂଳକ ଭାବର ଧାରଣା ମିଳିଥାଏ ।

ସାଧାରଣତଃ ବାକ୍ୟକୁ ସମାପ୍ତ କରିପାରୁଥିବା ସମାପିକା କ୍ରିୟାର ରୂପ ଆଭିପ୍ରାୟିକ ଓ ଅନୁଜ୍ଞା ବା ଆଦେଶ ସୂଚକ ଭାବ ଓ ବର୍ତ୍ତମାନ-ଭବିଷ୍ୟତ-ଅତୀତ-ସଂଭାବନା କାଳକୁ ନେଇ ଭିନ୍ନଭିନ୍ନ ହୋଇଥାଏ । ପୁନଶ୍ଚ ପ୍ରତ୍ୟେକ କାଳ ଓ ଭାବ ସାଧାରଣ-ଅସଂପନ୍ନ-ସଂପନ୍ନ ଭେଦରେ ତିନିପ୍ରକାରର ସ୍ୱତନ୍ତ୍ର ରୂପ ହୋଇଥାଏ । ବିଭିନ୍ନ ପୁରୁଷ, ବଚନ, କାଳ ଓ ଭାବ ଅନୁସାରେ ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାର (ଖେଳ୍) ରୂପ ଏଠାରେ ଦିଆଯାଉଛି । ତାହାକୁ ଲକ୍ଷ୍ୟକର ଓ ସେହି ଅନୁସାରେ କେତେକ କ୍ରିୟାର କାଳସୂଚକ ରୂପ ନିଜେ ପ୍ରସ୍ତୁତ କର ।

**ଧାତୁ-ଖେଳ୍ / କ୍ରିୟାରୂପ-ଖେଳ**

**ସାଧାରଣ ବର୍ତ୍ତମାନ କାଳ**

| ବଚନ | ପ୍ରଥମ ପୁରୁଷ | ଦ୍ୱିତୀୟ ପୁରୁଷ | ତୃତୀୟ ପୁରୁଷ |
|---|---|---|---|
| ଏକବଚନ | (ମୁଁ) ଖେଳେ | (ତୁ) ଖେଳୁ | (ସେ) ଖେଳେ |
| ବହୁବଚନ | (ଆମେ) ଖେଳୁ | (ତୁମେ / ତୁମେମାନେ) ଖେଳ | (ସେମାନେ) ଖେଳନ୍ତି |

**ଅସଂପନ୍ନ ବର୍ତ୍ତମାନ କାଳ**

| | | | |
|---|---|---|---|
| ଏକବଚନ | ଖେଳୁଅଛି, ଖେଳୁଛି | ଖେଳୁଅଛୁ, ଖେଳୁଛୁ | ଖେଳୁଅଛି, ଖେଳୁଛି |
| ବହୁବଚନ | ଖେଳୁଅଛୁ, ଖେଳୁଛୁ | ଖେଳୁଅଛ, ଖେଳୁଛ | ଖେଳୁଅଛନ୍ତି, ଖେଳୁଛନ୍ତି |

**ସଂପନ୍ନ ବର୍ତ୍ତମାନ କାଳ**

| | | | |
|---|---|---|---|
| ଏକବଚନ | ଖେଳିଅଛି, ଖେଳିଛି | ଖେଳିଅଛୁ, ଖେଳିଛୁ | ଖେଳିଅଛି, ଖେଳିଛି |
| ବହୁବଚନ | ଖେଳିଅଛୁ, ଖେଳିଛୁ | ଖେଳିଅଛ, ଖେଳିଛ | ଖେଳିଅଛନ୍ତି, ଖେଳିଛନ୍ତି |

**ସାଧାରଣ ଅତୀତ କାଳ**

| | | | |
|---|---|---|---|
| ଏକବଚନ | ଖେଳିଲି | ଖେଳିଲୁ | ଖେଳିଲା |
| ବହୁବଚନ | ଖେଳିଲୁ | ଖେଳିଲ | ଖେଳିଲେ |

**ଅସଂପନ୍ନ ଅତୀତ କାଳ**

| | | | |
|---|---|---|---|
| ଏକବଚନ | ଖେଳୁଥିଲି | ଖେଳୁଥିଲୁ | ଖେଳୁଥିଲା |
| ବହୁବଚନ | ଖେଳୁଥିଲୁ | ଖେଳୁଥିଲ | ଖେଳୁଥିଲେ |

**ସଂପନ୍ନ ଅତୀତ କାଳ**

| | | | |
|---|---|---|---|
| ଏକବଚନ | ଖେଳିଥିଲି | ଖେଳିଥିଲୁ | ଖେଳିଥିଲା |
| ବହୁବଚନ | ଖେଳିଥିଲୁ | ଖେଳିଥିଲ | ଖେଳିଥିଲେ |

**ସାଧାରଣ ଭବିଷ୍ୟତ କାଳ**

| | | | |
|---|---|---|---|
| ଏକବଚନ | ଖେଳିବି | ଖେଳିବୁ | ଖେଳିବ |
| ବହୁବଚନ | ଖେଳିବୁ | ଖେଳିବ | ଖେଳିବେ |

**ଅସଂପନ୍ନ ଭବିଷ୍ୟତ କାଳ**

| | | | |
|---|---|---|---|
| ଏକବଚନ | ଖେଳୁଥିବି | ଖେଳୁଥିବୁ | ଖେଳୁଥିବ |
| ବହୁବଚନ | ଖେଳୁଥିବୁ | ଖେଳୁଥିବ | ଖେଳୁଥିବେ |

**ସଂପନ୍ନ ଭବିଷ୍ୟତ କାଳ**

| | | | |
|---|---|---|---|
| ଏକବଚନ | ଖେଳିଥିବି | ଖେଳିଥିବୁ | ଖେଳିଥିବ |
| ବହୁବଚନ | ଖେଳିଥିବୁ | ଖେଳିଥିବ | ଖେଳିଥିବେ |

**ସାଧାରଣ ନିତ୍ୟବୃତ୍ତ / ସଂଭାବନା କାଳ**

(ଏହା ସାଧାରଣ ବର୍ତ୍ତମାନ କାଳ ସହିତ ସମାନ ।)

**ଅସଂପନ୍ନ ନିତ୍ୟବୃତ୍ତ / ସଂଭାବନା କାଳ**

| | | | |
|---|---|---|---|
| ଏକବଚନ | ଖେଳୁଥାଏଁ | ଖେଳୁଥାଉ | ଖେଳୁଥାଏ |
| ଏବୁବଚନ | ଖେଳୁଥାଉ | ଖେଳୁଥାଅ | ଖେଳୁଥାଆନ୍ତି |

**ସଂପନ୍ନ ନିତ୍ୟବୃତ୍ତ / ସଂଭାବନା କାଳ**

| | | | |
|---|---|---|---|
| ଏକବଚନ | ଖେଳିଥାଏଁ | ଖେଳିଥାଉ | ଖେଳିଥାଏ |
| ବହୁବଚନ | ଖେଳିଥାଉ | ଖେଳିଥାଅ | ଖେଳିଥାଆନ୍ତି |

**ସାଧାରଣ ଆଭିପ୍ରାୟିକ ଭାବ**

| | | | |
|---|---|---|---|
| ଏକବଚନ | ଖେଳନ୍ତି | ଖେଳନ୍ତୁ | ଖେଳନ୍ତା |
| ବହୁବଚନ | ଖେଳନ୍ତୁ | ଖେଳନ୍ତ | ଖେଳନ୍ତେ |

**ଅସଂପନ୍ନ ଆଭିପ୍ରାୟିକ ଭାବ**

| | | | |
|---|---|---|---|
| ଏକବଚନ | ଖେଳୁଥାଆନ୍ତି | ଖେଳୁଥାଆନ୍ତୁ | ଖେଳୁଥାଆନ୍ତା |
| ବହୁବଚନ | ଖେଳୁଥାଆନ୍ତୁ | ଖେଳୁଥାଆନ୍ତ | ଖେଳୁଥାଆନ୍ତେ |

**ସଂପନ୍ନ ଆଭିପ୍ରାୟିକ ଭାବ**

| | | | |
|---|---|---|---|
| ଏକବଚନ | ଖେଳିଥାଆନ୍ତି | ଖେଳିଥାଆନ୍ତୁ | ଖେଳିଥାଆନ୍ତା |
| ବହୁବଚନ | ଖେଳିଥାଆନ୍ତୁ | ଖେଳିଥାଆନ୍ତ | ଖେଳିଥାଆନ୍ତେ |

### ସାଧାରଣ ଅନୁଜ୍ଞା ଭାବ

| | | | |
|---|---|---|---|
| ଏକବଚନ | ଖେଳେଁ | ଖେଳ୍ | ଖେଳୁ |
| ବହୁବଚନ | ଖେଳୁ | ଖେଳ | ଖେଳନ୍ତୁ |

### ଅସଂପନ୍ନ ଅନୁଜ୍ଞା ଭାବ

| | | | |
|---|---|---|---|
| ଏକବଚନ | ଖେଳୁଥାଏ / ଖେଳୁଥାଏଁ | ଖେଳୁଥା | ଖେଳୁଥାଉ |
| ବହୁବଚନ | ଖେଳୁଥାଉ / ଖେଳୁଥାଉଁ | ଖେଳୁଥାଅ | ଖେଳୁଥାଆନ୍ତୁ |

### ସଂପନ୍ନ ଅନୁଜ୍ଞା ଭାବ

| | | | |
|---|---|---|---|
| ଏକବଚନ | ଖେଳିଥାଏ / ଖେଳିଥାଏଁ | ଖେଳିଥା | ଖେଳିଥାଉ |
| ବହୁବଚନ | ଖେଳିଥାଉ / ଖେଳିଥାଉଁ | ଖେଳିଥାଅ | ଖେଳିଥାଆନ୍ତୁ |

## ୬.୧୬ :

୧ । ପ୍ରଥମ ପୁରୁଷ (ମୁଁ / ଆମ୍ଭେ) ପାଇଁ ଅନୁଜ୍ଞା ଭାବର ଅର୍ଥ ହେଉଛି- ଅନୁମତି ମାଗିବା । ଯଥା- ମୁଁ ଖେଳେ / ଆମେ ଖେଳୁଥାଉ / ଦ୍ୱିତୀୟ ଓ ତୃତୀୟ ପୁରୁଷ (ତୁମେ / ତୁମେମାନେ-ସେ / ସେମାନେ) ପାଇଁ ଅନୁଜ୍ଞା ଭାବର ଅର୍ଥ ହେଉଛି ଅନୁମତି ଦେବା ବା ଆଦେଶ ଦେବା । ଯଥା- ତୁ ଖେଳ୍ / ତୁମେ ଖେଳ / ସେ ଖେଳୁ / ସେମାନେ ଖେଳନ୍ତୁ ।

୨ । କର୍ତ୍ତା ସମ୍ମାନାସ୍ପଦ ବ୍ୟକ୍ତି ହୋଇଥିଲେ ଏକବଚନ କର୍ତ୍ତା ପାଇଁ ମାନ୍ୟାର୍ଥରେ କ୍ରିୟାର ବହୁବଚନ ରୂପ ହୋଇଥାଏ । ଯଥା- ଗୁରୁଜୀ ଆସୁଅଛନ୍ତି । ଏବେ କାପ୍‌ଟେନ୍ ଖେଳିବେ । କର୍ତ୍ତା ବସ୍ତୁବାଚକ ହୋଇଥିଲେ ବହୁବଚନ ପାଇଁ ବି କେତେକ ସ୍ଥଳରେ ଏକବଚନ କ୍ରିୟାର ରୂପ ବ୍ୟବହୃତ ହୁଏ । ଯଥା-ପୋଖରୀଗୁଡ଼ିକ ଖରାରେ ଶୁଖିଗଲାଣି । ଜମିଗୁଡ଼ିକ ପଡ଼ିଆ ପଡ଼ିଛି । କ୍ରିୟା ବହୁବଚନ ହୋଇଥିଲେ କେତେକ ସ୍ଥଳରେ କର୍ତ୍ତାର ଏକବଚନ ରୂପ ବି ବହୁବଚନ ଅର୍ଥ ପ୍ରକାଶ କରେ । ଯଥା- ଗାଈ ପଡ଼ିଆରେ ଚରୁଛନ୍ତି । ପିଲା ଖେଳୁଛନ୍ତି । ଏଠାରେ ଚରୁଛନ୍ତି ଓ ଖେଳୁଛନ୍ତି କ୍ରିୟା ବହୁବଚନ ହୋଇଥିବାରୁ ଗାଈ / ପିଲା ଏକବଚନ ନହୋଇ ଗାଈମାନେ / ପିଲାମାନେ ଅର୍ଥ ପ୍ରକାଶ କରୁଛି ।

## ୬.୧୭ : ଅମିଶ୍ର ଓ ମିଶ୍ର କ୍ରିୟାପଦ

(କ) ପିଲାଟି କାନ୍ଦୁଛି । ପିଲାଟି କ୍ରନ୍ଦନ କରୁଛି ।

(ଖ) ପଣ୍ଡା ପୁରାଣ ପଢ଼ିଲେ । ପଣ୍ଡା ପୁରାଣ ପାଠ କଲେ ।

ଏଠାରେ 'କ'-ଭାବର ଦୁଇଟି ବାକ୍ୟରେ **'କାନ୍ଦୁଛି'** ଓ **'କ୍ରନ୍ଦନ କରୁଛି'**ର ଅର୍ଥ ସମାନ । ସେହିପରି 'ଖ'-ଭାଗର ଦୁଇଟି ବାକ୍ୟରେ **'ପଢ଼ିଲେ'** ଓ **'ପାଠ କଲେ'** ର ଅର୍ଥ ବି ସମାନ / ମାତ୍ର କାନ୍ଦୁଛି / ପଢ଼ିଲେ- ଗୋଟିଏ ଗୋଟିଏ କ୍ରିୟା ଓ ଏକପଦରେ ପ୍ରକାଶିତ ହୋଇଛି । କିନ୍ତୁ କ୍ରନ୍ଦନ+କରୁଛି / ପାଠ+କଲେ- ଏଦୁଇଟି କ୍ରିୟାରେ 'କରୁଛି' ଓ 'କଲେ' କ୍ରିୟା ପୂର୍ବରୁ କ୍ରନ୍ଦନ ଓ ପାଠ ପଦ ଦୁଇଟି ମିଶିଛି ଓ ଅର୍ଥ ପ୍ରକାଶିତ ହୋଇଛି । ଏଥିରୁ ଜଣାଗଲା ଆମେ କ୍ରିୟାକୁ ଏକକ ଭାବରେ ଓ ମିଶ୍ରଣ ପ୍ରକ୍ରିୟାରେ ବ୍ୟବହାର କରିଥାଉ । ସୁତରାଂ ଯେଉଁ କ୍ରିୟା ଗୋଟିଏ ପଦରେ ପ୍ରକାଶିତ ହୁଏ ତାହାକୁ **'ଅମିଶ୍ର କ୍ରିୟା'** ଏବଂ ଯେଉଁ କ୍ରିୟା ଏକାଧିକ ପଦରେ ପ୍ରକାଶିତ ହୋଇଥାଏ ତାହାକୁ **'ମିଶ୍ର କ୍ରିୟା'** କୁହାଯାଏ ।

ଉପର ଉଦାହରଣ ଦୁଇଟିରେ 'କାନ୍ଦୁଛି / ପଢ଼ିଲେ'- ଦୁଇଟି ଅମିଶ୍ର କ୍ରିୟାପଦ ଏବଂ 'କ୍ରନ୍ଦନ କରୁଛି' / 'ପାଠ କଲେ'- ଦୁଇଟି ମିଶ୍ର କ୍ରିୟାପଦ । ମିଶ୍ର କ୍ରିୟାପଦ ଗୁଡ଼ିକ ଛାଡ଼ି ଛାଡ଼ି ଲେଖାଯାଏ । ଅନ୍ୟ କେତୋଟି ଉଦାହରଣକୁ ଲକ୍ଷ୍ୟ କର ।

| ଅମିଶ୍ର କ୍ରିୟା | ମିଶ୍ରକ୍ରିୟା | ଅମିଶ୍ରକ୍ରିୟା | ମିଶ୍ରକ୍ରିୟା |
|---|---|---|---|
| ଦେଖିଲେ | ଦର୍ଶନ କଲେ | ଶୁଣୁଛି | ଶ୍ରବଣ କରୁଛି |
| ଉଇଁବ | ଉଦୟ ହେବ | ଶୋଇଥା'ନ୍ତା | ଶୟନ କରିଥା'ନ୍ତା |
| ଧାଇଁଲା | ଧାବନ କଲା | ବିକୁଛି | ବିକ୍ରି କରୁଛି |
| ରଚିଛି | ରଚନା କରିଛି | ଡକାଯାଇଛି | ଡାକରା ହୋଇଛି |

**୬.୧୮ :** ଆମ ଭାଷାରେ କ୍ରିୟାପଦକୁ ଗୋଟିଏ କିମ୍ବା ଦୁଇଟି ପଦରେ କୁହାଯାଇ ପାରେ । ଗୋଟିଏ ପଦରେ କୁହାଯାଉଥିବା କ୍ରିୟାକୁ **'ଅମିଶ୍ର କ୍ରିୟା'** କୁହାଯାଏ । କହିଛି, ବାଟିଛି, କୁଟିଲା, ଟାଳିବ, ଢଳିବା- ଏପରି କେତେକ କ୍ରିୟା ରହିଛି ଯାହା କେବଳ ଗୋଟିଏ ପଦରେ ପ୍ରକାଶ କରାଯାଇଥାଏ । ଏପ୍ରକାର କ୍ରିୟାର ଦୁଇଟି ପଦ ହୋଇପାରେ ନାହିଁ ।

**୬.୧୯ :** ଆମ ଭାଷାରେ ଦୁଇଟି ପଦରେ ପ୍ରକାଶ କରାଯାଉଥିବା କ୍ରିୟାକୁ 'ମିଶ୍ର କ୍ରିୟା' କୁହାଯାଏ । ଆମେ କେତେକ କ୍ରିୟାକୁ କେବଳ ମିଶ୍ର କ୍ରିୟା ରୂପରେ ବ୍ୟବହାର କରିଥାଉ । ଯଥା- ଗ୍ରହଣ କରିବା, ବିଦାୟ ଦେବା, ଆଦାୟ କରିବା, ଭୟ କରିବା, ହଳ କରିବା, ରପ୍ତାନି କରିବା, ଆମଦାନୀ କରିବା । ଏପ୍ରକାର କ୍ରିୟା ଅମିଶ୍ର କ୍ରିୟା ରୂପରେ ବ୍ୟବହୃତ ହୋଇପାରେ ନାହିଁ ।

## ୬.୨୦ : ଯୌଗିକ କ୍ରିୟା

ଆମେ ଆଗରୁ ଜାଣିଛେ ଯେ ଧାତୁରୁ ଗଠିତ ବା ଧାତୁକୁ ମୂଳପିଣ୍ଡ ଭାବରେ ଆଧାର କରି ଗଠିତ କ୍ରିୟାପଦକୁ ଶୁଦ୍ଧ କ୍ରିୟା କୁହାଯାଏ । ଶୁଦ୍ଧ କ୍ରିୟା ଦୁଇପ୍ରକାରର । ଗୋଟିଏ ଏକକ ଧାତୁମୂଳକ **'ସରଳ କ୍ରିୟା'** । ଯଥା- ଖେଳେ / ଯାଏ / ପଢ଼େ / ଶୁଣ / ଦେ / ନେ / ଯା । ଅନ୍ୟଟି **'ସଂଯୁକ୍ତ ଧାତୁମୂଳକ କ୍ରିୟା'** । ଉଦାହରଣଗୁଡ଼ିକୁ ଦେଖ :

(କ) ପିଲାଟି **ଖେଳୁଅଛି** ।　　(ଗ) ପିଲାଟି **ଶୁଣୁଥିବ** ।

(ଖ) ପିଲାଟି **ପଢ଼ିଥିଲା** ।　　(ଘ) ପିଲାଟିକୁ **ଜଣାଥିଲା** ।

- ଏହି ଚାରୋଟି ବାକ୍ୟରେ ଚାରୋଟି କ୍ରିୟା ରହିଛି– ଖେଳୁଅଛି / ପଢ଼ିଥିଲା / ଶୁଣୁଥିବ / ଜଣାଥିଲା ।
- ଚାରୋଟିଯାକ କ୍ରିୟାପଦର ଗଠନ ଏହିପରି–

(କ) ଖେଳୁ-ଅଛି (ଖେଳ୍ + ଉ– ଅଛ୍ + ଇ, ଖେଳୁ + ଅଛି = ଖେଳୁଅଛି ।

(ଖ) ପଢ଼ି-ଥିଲା (ପଢ଼୍ + ଇ– ଥା + ଇଲ୍ + ଆ, ପଢ଼ି + ଥିଲା = ପଢ଼ିଥିଲା ।

(ଗ) ଶୁଣୁ-ଥିବ (ଶୁଣ୍ + ଉ– ଥା + ଇବ୍ + ଆ, ଶୁଣୁ + ଥିବ = ଶୁଣୁଥିବ ।

(ଘ) ଜଣା-ଥିଲା (ଜାଣ୍ + ଆ– ଥା + ଇଲ୍ + ଆ, ଜଣା + ଥିଲା = ଜଣାଥିଲା ।

- ଏହି ଗଠନ ପଦ୍ଧତିକୁ ବିଚାର କଲେ ଦେଖାଯିବ– ପ୍ରତ୍ୟେକ କ୍ରିୟାରେ ଦୁଇଟି ଧାତୁ ଯୋଗହୋଇ ରହିଛି । କ– ବାକ୍ୟର କ୍ରିୟାରେ 'ଖେଳ୍' ଓ 'ଅଛ୍', ଖ– ବାକ୍ୟରେ 'ପଢ୍' ଓ 'ଥା', ଗ– ବାକ୍ୟରେ 'ଶୁଣ୍' ଓ 'ଥା' ଏବଂ ଘ– ବାକ୍ୟରେ 'ଜାଣ୍' ଓ 'ଥା'– ଏହିପରି ଦୁଇଟି ଲେଖାଏଁ ଧାତୁ ରହିଛି ।
- ଖେଳ୍, ପଢ୍, ଶୁଣ୍, ଜାଣ୍– ଏ ଚାରୋଟି ଧାତୁ ମୁଖ୍ୟ ଧାତୁ । ଏସବୁ ମୁଖ୍ୟଧାତୁରେ ସଂପନ୍ନ, ଅସଂପନ୍ନ ଓ ପ୍ରେରଣାର୍ଥକ ଅର୍ଥ ସୂଚକ 'ଇ' / 'ଉ' / 'ଆ' ପ୍ରତ୍ୟୟ ଲାଗି ଖେଳୁ, ପଢ଼ି, ଶୁଣୁ, ଜଣା ମୁଖ୍ୟକ୍ରିୟା ରୂପଟି ଗଠିତ ହୋଇଛି ।
- ଏସବୁ ମୁଖ୍ୟଧାତୁରୁ ଗଠିତ କ୍ରିୟା ପରେ ଗୌଣ ବା ସାହାଯ୍ୟକାରୀ ଧାତୁ ରୂପେ 'ଅଛ୍ / ଥା' ଯୋଗ ହୋଇଛି । ଅଛ୍ / ଥା ଧାତୁରେ କାଳ– ବଚନ ସୂଚକ ପ୍ରତ୍ୟୟ ଇ / ଇଲ୍-ଆ / ଇବ୍-ଅ / ଇଲ୍-ଆ ଯୋଗହୋଇ ଚାରୋଟିଯାକ ଯୌଗିକ କ୍ରିୟାପଦ ଗଠିତ ହୋଇଛି ।
- ଏଥିରୁ ଜଣାଗଲା– କେତେକ କ୍ଷେତ୍ରରେ ଆମେ ଦୁଇଟି ଧାତୁ ଯୋଗକରି ସମ୍ପୂର୍ଣ୍ଣ କ୍ରିୟାପଦ ଗଠନ କରିଥାଉ । ମୁଖ୍ୟ ଧାତୁରେ ସଂପନ୍ନ ଓ ଅସଂପନ୍ନ ଅର୍ଥ ସୂଚକ ଏବଂ ପ୍ରେରଣାର୍ଥକ ଇ, ଉ, ଆ ଯୋଗ ହୋଇଥାଏ । ସାହାଯ୍ୟକାରୀ ଧାତୁରେ କାଳ-ବଚନ ସୂଚକ ବିଭକ୍ତି ଲାଗିଥାଏ ।

***ଯେଉଁ କ୍ରିୟା ପଦରେ ମୁଖ୍ୟ ଓ ସାହାଯ୍ୟକାରୀ ଧାତୁ ଭାବରେ ଦୁଇଟି ଧାତୁ ଯୋଗହୋଇ ରହିଥାଏ, ତାହାକୁ 'ଯୌଗିକ କ୍ରିୟା' କୁହାଯାଏ ।***

ଓଡ଼ିଆରେ ସାହାଯ୍ୟକାରୀ ଧାତୁ ଭାବରେ 'ଅଛ୍, ଥା' ଧାତୁ ଦୁଇଟିକୁ ବ୍ୟବହାର କରାଯାଏ ।

**୬.୨୧ :**

- ସାଧାରଣତଃ ଯୌଗିକ କ୍ରିୟାପଦରେ ଦୁଇଟି ଅଂଶ ଥାଏ । ଦୁଇଟି ଅଂଶରେ ମୂଳକ୍ରିୟା ଓ ସହଯୋଗୀ ଦ୍ୱିତୀୟ କ୍ରିୟା-ଏପରି ଦୁଇଟି କ୍ରିୟାଥାଏ ।
- ପ୍ରଥମ ଅଂଶର ମୂଳକ୍ରିୟାଟି ଅସମାପିକା ଆକୃତିର । ଦ୍ୱିତୀୟ ଅଂଶର କ୍ରିୟାଟି କାଳ-ପୁରୁଷ-ବଚନ ସୂଚକ ହୋଇ ସମାପିକା କ୍ରିୟା ଆକୃତିର ହୋଇଥାଏ । ଯଥା- ଦେଖିପାରିବା / ଶୁଣୁଥିଲା / ଏଠାରେ ଦେଖି / ଶୁଣୁ ଅସମାପିକା କ୍ରିୟା ଆକୃତିର ହୋଇଥିବାବେଳେ ପାରିବା / ଥିଲା ସମାପିକା କ୍ରିୟା ଆକୃତିର ହୋଇଛି ।
- ଯୌଗିକ କ୍ରିୟାଗୁଡ଼ିକୁ ଲେଖିଲାବେଳେ ମୁଖ୍ୟ ଓ ଗୌଣକ୍ରିୟା ଲାଗିଲାଗି ଲେଖାଯାଏ । ଯଥା– ଟାଣିଆଣିଲେ / ଶୁଣିଥିଲେ / ଦେଖୁଥା'ନ୍ତି / ଚାଲିବୁଲିଯାଇଛି ।

## ୬.୨୨ : ସକର୍ମକ, ଅକର୍ମକ ଓ ଦ୍ୱିକର୍ମକ କ୍ରିୟା :

ସାଧାରଣତଃ ଓଡ଼ିଆ ବାକ୍ୟ କର୍ତ୍ତା, କର୍ମ ଓ କ୍ରିୟା-ଏହି ବିଧାନରେ ବ୍ୟବହାର କରାଯାଏ । ଯିଏ କ୍ରିୟା ସାଧନ କରେ ସେ କର୍ତ୍ତା । କ୍ରିୟା ସାଧନରେ କର୍ତ୍ତାର ଯାହା ଅଭିଳଷିତ ଓ କରଣୀୟ ତାହାକୁ ବ୍ୟାକରଣ ମତରେ କର୍ମ କୁହାଯାଏ ।

**୬.୨୨.୧ :** ଗୋଟିଏ ପୂର୍ଣ୍ଣାଙ୍ଗ ବାକ୍ୟରେ କର୍ମ ସ୍ପଷ୍ଟ ଭାବରେ କ୍ରିୟାପଦ ସହିତ ସମ୍ବନ୍ଧିତ ହୋଇ ରହିଥାଏ । ବାକ୍ୟରେ ଯେଉଁ କ୍ରିୟାପଦର କର୍ମଥାଏ, ତାହାକୁ **'ସକର୍ମକ କ୍ରିୟା'** କୁହାଯାଏ ।ଯଥା-

(କ) ଆଇ **ଗପ** ଶୁଣାଉଛନ୍ତି । (ଖ) ପିଲାଏ **ପ୍ରାର୍ଥନା** କରୁଛନ୍ତି ।

କ-ବାକ୍ୟରେ କର୍ତ୍ତା କ'ଣ ଶୁଣାଉଛନ୍ତି- ଏହିପ୍ରଶ୍ନର ଉତ୍ତର ହେଉଛି **'ଗପ'** ଶୁଣାଉଛନ୍ତି । **'ଗପ'** ଏ ବାକ୍ୟରେ କର୍ମ । 'ଖ'-ବାକ୍ୟରେ କ'ଣ କରୁଛନ୍ତି ? ଏହି ପ୍ରଶ୍ନର ଉତ୍ତର ହେଉଛି **'ପ୍ରାର୍ଥନା'** କରୁଛନ୍ତି । 'ପ୍ରାର୍ଥନା' ଏଠି କର୍ମ ଭାବରେ ବ୍ୟବହୃତ । 'ଶୁଣାଉଛନ୍ତି' କ୍ରିୟା ପୂର୍ବରୁ **'ଗପ'** ଓ 'କରୁଛନ୍ତି' କ୍ରିୟାର ପୂର୍ବରୁ **'ପ୍ରାର୍ଥନା'** କର୍ମ ରୂପେ ବ୍ୟବହୃତ ହୋଇଛି । ଏ ଦିଗରୁ କର୍ମ ପଦ ସହିତ ସମ୍ପୃକ୍ତ ଥିବାରୁ 'ଶୁଣାଉଛନ୍ତି' ଓ 'କରୁଛନ୍ତି' କ୍ରିୟା ଦୁଇଟି **'ସକର୍ମକ କ୍ରିୟା'** ।

ଆମ ଭାଷାରେ କେତୋଟି କ୍ରିୟା ନିଶ୍ଚିତ ସକର୍ମକ ହୋଇ ବ୍ୟବହୃତ ହୋଇଥାଏ । ଏହି ପ୍ରକାର କ୍ରିୟାର କେତେକ ଉଦାହରଣ– କହିବା, କରିବା, ଶୁଣିବା, ଖାଇବା, ବୁଣିବା, ବିକିବା, ନେବା, ଦେବା, ଶିଖିବା, ପଚାରିବା, ଲେଖିବା, ରଚିବା, ଆଣିବା, ଗଢ଼ିବା । କର୍ମପଦ ବିନା ବାକ୍ୟରେ ଏସବୁ କ୍ରିୟାର ବ୍ୟବହାର ହୋଇପାରେ ନାହିଁ ।

**୬.୨୨.୨ :** ଯେଉଁ କ୍ରିୟାର କୌଣସି କର୍ମ ନଥାଏ, ତାହାକୁ **'ଅକର୍ମକ କ୍ରିୟା'** କହନ୍ତି । ଅର୍ଥାତ୍ ବାକ୍ୟରେ କର୍ମନଥାଇ କର୍ତ୍ତା ଦ୍ୱାରା ପ୍ରତ୍ୟକ୍ଷ କ୍ରିୟାସାଧନ ହୋଇଥିବାର ବୁଝାଗଲେ ସେହି ବାକ୍ୟର କ୍ରିୟା **'ଅକର୍ମକ'** ହୋଇଥାଏ । ଉଦାହରଣ ଦୁଇଟିକୁ ଲକ୍ଷ୍ୟ କର-

(କ) ସୁଲୁସୁଲିଆ ପବନ **ବହୁଛି** । (ଖ) ପିଲାଟି ସୁଖରେ **ଶୋଇଛି** ।

ଏଠାରେ ବାକ୍ୟ ଦୁଇଟିରେ 'ବହୁଛି' ଓ 'ଶୋଇଛି' କ୍ରିୟାର କୌଣସି କର୍ମ ନାହିଁ । ତେଣୁ ଉଭୟ 'ଅକର୍ମକ କ୍ରିୟାପଦ' । ଆମ ଭାଷାରେ- ପଡ଼ିବା, ବୁଡ଼ିବା, ହସିବା, କାନ୍ଦିବା, କାଶିବା, ଥିବା, ଶୁଖିବା, ମରିବା, ଛିଣ୍ଡିବା, ଝୁଣ୍ଟିବା, ପାଚିବା, ଉଇଁବା- ଏପରି କେତେକ କ୍ରିୟା ରହିଛି ଯାହା ବାକ୍ୟରେ ଅକର୍ମକ ହୋଇ ବ୍ୟବହୃତ ହୋଇଥା'ନ୍ତି । ବେଳେବେଳେ ଅକର୍ମକ କ୍ରିୟାର ନିଜ କ୍ରିୟାବାଚକ ବିଶେଷ୍ୟ ପଦଟି କର୍ମରୂପେ ବ୍ୟବହୃତ ହୋଇଥାଏ । ଉଦାହରଣ ସ୍ୱରୂପ-

(କ) ସେ ଭଲ **ମରଣ** ମରିଲା । (ଖ) ଗୀତା **ସ୍ମିତହସଟେ** ହସିଲା ।

**୬.୨୨.୩ :** ଆମେ କେତେକ ସକର୍ମକ କ୍ରିୟାକୁ ଦ୍ୱିକର୍ମକ କରି ବ୍ୟବହାର ମଧ୍ୟ କରିପାରିଥାଉ । ଓଡ଼ିଆରେ ପଚାରିବା, କହିବା, ଲେଖିବା, କରିବା, ରଚିବା, ନେବା, ଦେବା, ଗଢ଼ିବା, ଇତ୍ୟାଦି କ୍ରିୟା ସହଜରେ ଦ୍ୱିକର୍ମକ ହୋଇ ବ୍ୟବହୃତ ହୋଇ ପାରିଥାଏ । ଯଥା–

(କ) ଆଇ ନାତିନାତୁଣୀମାନଙ୍କୁ ଗପ ଶୁଣାଉଛନ୍ତି ।

(ଖ) ପିଲାଏ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ ।

କ- ବାକ୍ୟରେ 'ନାତିନାତୁଣୀ' ଓ 'ଗପ'କୁ କର୍ମପଦ ଭାବରେ ଆଧାର କରି **'ଶୁଣାଉଛନ୍ତି'** କ୍ରିୟାର ସାଧନ ସଂଭବ ହୋଇଛି । ଆଇ କାହାକୁ, କ'ଣ ଶୁଣାଉଛନ୍ତି- ଏପ୍ରକାର ପ୍ରଶ୍ନ କଲେ ଶୁଣାଉଛନ୍ତି କ୍ରିୟାପାଇଁ ପ୍ରଥମେ 'ନାତିନାତୁଣୀମାନଙ୍କୁ', ପରେ 'ଗପ' ଏପରି ଦୁଇଟି ଉତ୍ତର ଆସିବ । ବାକ୍ୟରେ ଏପରି ଦୁଇଟି ଉତ୍ତର ଆସୁଥିଲେ 'କାହାକୁ'ର ଉତ୍ତରଟି ଗୌଣ କର୍ମ ଓ 'କ'ଣ'ର ଉତ୍ତରଟି ପ୍ରଧାନ କର୍ମ ହୋଇଥାଏ । ଏଠାରେ ଏ ଦିଗରୁ **'ଗପ'** ପ୍ରଧାନ ବା ମୁଖ୍ୟ କର୍ମ ଓ 'ନାତିନାତୁଣୀମାନଙ୍କୁ' ଗୌଣକର୍ମ । ସେହିପରି 'ଖ'-ବାକ୍ୟରେ **'କଲେ'** କ୍ରିୟାର ଦୁଇଟି କର୍ମ ରହିଛି । ଯଥା– 'ଶ୍ରୀଜଗନ୍ନାଥଙ୍କୁ' (ଗୌଣକର୍ମ) ଓ ପ୍ରାର୍ଥନା (ମୁଖ୍ୟକର୍ମ) ।

**ଯେଉଁ କ୍ରିୟା ଦୁଇଟି କର୍ମ ଗ୍ରହଣ କରିଥାଏ ତାହାକୁ 'ଦ୍ୱିକର୍ମକ କ୍ରିୟା' କୁହାଯାଏ ।**

# ପ୍ରଶ୍ନାବଳୀ

୧ । କ୍ରିୟା କାହାକୁ କହନ୍ତି ?

୨ । କ୍ରିୟା ପଦ ଦ୍ୱାରା କ'ଣ ସୂଚିତ ହୁଏ ?

୩ । କ୍ରିୟାର ମୂଳରୂପକୁ କ'ଣ କୁହାଯାଏ ?

୪ । 'ଧାତୁ' କାହାକୁ କହନ୍ତି ? ଆମ ଭାଷାରେ କେତେପ୍ରକାର ଧାତୁ ପ୍ରଚଳିତ ହୁଏ ?

୫ । 'ନାମଧାତୁ' କାହାକୁ କହନ୍ତି ? ପାଞ୍ଚଟି ନାମଧାତୁର ଉଦାହରଣ ଦିଅ ।

୬ । ପ୍ରଦତ୍ତ ବିଶେଷ୍ୟ ପଦରୁ ନାମଧାତୁ କ୍ରିୟାପଦ ଗଢ଼ି ବାକ୍ୟରେ ବ୍ୟବହାର କର-

ମୁହଁ, ମୂଳ, ଲଟା, ପେଟ, ମୁଣ୍ଡ, ଗୋଡ଼,

୭ । ନିମ୍ନଲିଖିତ ବିଶେଷଣ ପଦରୁ ନାମଧାତୁ କ୍ରିୟାପଦ ଗଢ଼ି ବାକ୍ୟରେ ବ୍ୟବହାର କର ।
ସଳଖ, ଶୀତଳ, ଉଷୁମ, କଅଁଳ, ଛୋଟା, ତରଳ, ଚିକ୍କଣ

୮ । ପ୍ରେରଣାର୍ଥକ ଧାତୁ କାହାକୁ କହନ୍ତି-ଚାରୋଟି ପ୍ରେରଣାର୍ଥକ ଧାତୁ ଗଢ଼ି ତାହାକୁ କ୍ରିୟାରେ ପରିଣତ କର ।

୯ । ପାଞ୍ଚଟି ପ୍ରେରଣାର୍ଥକ କ୍ରିୟାପଦ ଲେଖି ତାହାର ଗଠନ ପ୍ରକ୍ରିୟା ବୁଝାଇ ଦିଅ ।

୧୦ । ଅମିଶ୍ର କ୍ରିୟା କାହାକୁ କହନ୍ତି ? ତିନୋଟି ଅମିଶ୍ର କ୍ରିୟାକୁ ମିଶ୍ର କ୍ରିୟାରେ ପରିଣତ କରି ବାକ୍ୟରେ ବ୍ୟବହାର କର ।

୧୧ । ଯୌଗିକ କ୍ରିୟା କାହାକୁ କୁହାଯାଏ ?

୧୨ । ଥା, ଅଛି, ପାରିବା, ସାରିବା, ଆଣିବା, କରିବା, ପଡ଼ିବା, ଇତ୍ୟାଦି କ୍ରିୟାପଦକୁ ବ୍ୟବହାର କରି ଗୋଟିଏ ଗୋଟିଏ ଯୌଗିକ କ୍ରିୟା ଗଠନ କର ଓ ତାକୁ ବାକ୍ୟରେ ବ୍ୟବହାର କର ।

୧୩ । ସକର୍ମକ ଓ ଅକର୍ମକ କ୍ରିୟା କାହାକୁ କହନ୍ତି ? ପାଞ୍ଚଟି ଲେଖାଏଁ ସକର୍ମକ ଓ ଅକର୍ମକ କ୍ରିୟାପଦ ଲେଖ ।

୧୪ । ନିମ୍ନପ୍ରଦତ୍ତ ଅମିଶ୍ର କ୍ରିୟାକୁ ମିଶ୍ର କ୍ରିୟାରେ ପରିଣତ କର । ଧୋଇଲା, ଧାଉଁଛି, ଦେଖିଲା, ଶୋଇବ, କାନ୍ଦିଥା'ନ୍ତା, ଗଲା, ଉଇଁଲା ।

୧୫ । ସମାପିକା କ୍ରିୟା କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାଇ ଦିଅ ।

୧୬ । ଅସମାପିକା କ୍ରିୟା କାହାକୁ କହନ୍ତି ? ଉଦାହରଣ ସହିତ ଲେଖ ।

୧୭ । ନିମ୍ନଲିଖିତ କ୍ରିୟାଗୁଡ଼ିକ ମଧ୍ୟରୁ ମିଶ୍ର କ୍ରିୟା ଓ ଯୌଗିକ କ୍ରିୟା ଚିହ୍ନାଅ ।

ଆକ୍ରମଣ କଲେ, କ୍ରନ୍ଦନ କଲା, ହସି ଉଠିଲା, ଦର୍ଶନ କର, ବାଣ୍ଟୁ ଥିଲା, ଉଦିତ ହେବ, ଖାଇ ସାରିଲେ, ଖିଆ ହେଲା, ଟେକି ନେବେ, ତୋଳି ଆଣିଲେ, ଶ୍ରବଣକର, ଆସିଥିଲା, ଖାଇସାରି ଯାଇଅଛି, ଆସିଯାଇଛି ।

୧୮ । ଖେଳୁଛି, ପଢ଼ିବ, ପଡ଼ିଲା, ଯିବି, ଭାବିଛନ୍ତି, ଦୌଡ଼ିଥା'ନ୍ତା, ଚିହ୍ନିଥିବେ, କହିଛୁ, ରୁହ, ନେଇଛି, ପାଇଛ, ଝୁଣ୍ଟିଲେ- ଇତ୍ୟାଦି କ୍ରିୟାଗୁଡ଼ିକ କେଉଁ ପୁରୁଷ ଓ କେଉଁ ବଚନରେ ବ୍ୟବହୃତ ହୁଏ ଲେଖ ।

୧୯ । ଓଡ଼ିଆରେ କ୍ରିୟାର କାଳକୁ କେତେଭାଗରେ ବିଭକ୍ତ କରାଯାଇଛି ? ପ୍ରତ୍ୟେକରୁ ଗୋଟିଏକରି ଉଦାହରଣ ଦିଅ ।

୨୦ । ଦ୍ୱିକର୍ମକ କ୍ରିୟା କ'ଣ ? ଉଦାହରଣ ଦେଇ ବୁଝାଇ ଦିଅ ।

୨୧ । ସିଦ୍ଧ କ୍ରିୟା ଓ ସାଧ୍ୟକ୍ରିୟା କାହାକୁ କୁହାଯାଏ ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨୨ । ଚାରୋଟି କାର୍ଯ୍ୟ ସଂପନ୍ନ ସୂଚକ କ୍ରିୟାପଦ ଲେଖି ତାହାର ଗଠନ ପଦ୍ଧତି ଦର୍ଶାଅ ।

୨୩ । ପଢ଼ିଛୁ, ଲେଖୁଥିବ, ଶୁଣିଲା, ଦେଖିଲେ, ଜାଣନ୍ତା, ବୁଝନ୍ତୁ- ଏଗୁଡ଼ିକୁ ପ୍ରେରଣାର୍ଥକ ଧାତୁମୂଳକ କ୍ରିୟାରେ ପରିଣତ କର ।

୨୪ । ନିମ୍ନଲିଖିତ କ୍ରିୟାପଦଗୁଡ଼ିକରୁ କେଉଁଟି ସାଧାରଣ କ୍ରିୟା, ପ୍ରେରଣାର୍ଥକ କ୍ରିୟା, ଯୌଗିକ କ୍ରିୟା, ନାମଧାତୁମୂଳକ କ୍ରିୟା, ଓ ଅସମାପିକ କ୍ରିୟା ବାଛି ଲେଖ ।
ଚଳାଇବେ, ଶୁଆଇଦେଲେ, କାଶିବ, ହସୁଛନ୍ତି, ପାଇଥା'ନ୍ତି, ଢଳିଢଳି, ଟାଳିଦିଅ, ଶୁଣନ୍ତୁ, ପଢ଼, ଲେଖାଇଲୁ, ଜଣାଥିବ, ପେଟେଇଲା, ଶୁଣିପାରନ୍ତା, ଟଣାଉଥିଲେ, ଲଟେଇବଣି, ଗୋଡ଼ାଇଲେ, ପୋତାଇଲେ ।

୨୫ । ଅସମାପିକା କ୍ରିୟାର ପ୍ରତ୍ୟୟଗୁଡ଼ିକ ଲେଖି ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଦୃଷ୍ଟାନ୍ତ ଦିଅ ।

୨୬ । **ଶୂନ୍ୟସ୍ଥାନ ପୂରଣ କର :**

(କ) ରଟିବା କ୍ରିୟାର ମୂଳଧାତୁଟି ହେଉଛି- । (ରଟ, ରଟି, ରଟ୍, ରଟା)

(ଖ) ରାମ୍ପିବା କ୍ରିୟାର ପ୍ରେରଣାର୍ଥକ ରୂପ ହେଉଛି- । (ରୁମ୍ପିବା, ରେମ୍ପିବା, ରମ୍ପାଇବା, ରୁମ୍ପାଇବା)

(ଗ) ________ଅସଂପନ୍ନ ସୂଚକ ଓ ________ସଂପନ୍ନ ସୂଚକ ଧାତୁ ପ୍ରତ୍ୟୟ ।(ଅନ୍ତ୍, ଇବ୍, ଏ, ଇ, ଉ, ଆ)